## ସଂକ୍ଷେପରେ

### ନାବାଳିକାଙ୍କୁ ଉଦ୍ଧାର କଲା ପୋଲିସ

**ଅନୁଗୋଳ ଅଫିସ,୧୩ା୭:** ଅନୁଗୋଳ ଜିଲା ଜରପଡା ଥାନା ପୋଲିସ ଜଣେ ନାବାଳିକାଙ୍କୁ ଉଦ୍ଧାର କରିବା ସହ ତାଙ୍କୁ ନେଇ ପଳାଇ ଯାଇଥିବା ନାବାଳକଙ୍କୁ ଧରି ବାଳସୁଧାର ଗୃହକୁ ପଠାଇଛି। ପୋଲିସ କହିଛି, ଥାନା ଅଞ୍ଚଳର ଏକ ଗାଁରୁ ନାବାଳିକାଙ୍କୁ ଧରି ପ୍ରାୟ ଏକ ମାସ ତଳେ ସମ୍ପୃକ୍ତ ନାବାଳକ ଫେରାର ହୋଇଯାଇଥିଲେ। ସେମାନେ ବିଭିନ୍ନ ସ୍ଥାନରେ ସମ୍ପର୍କୀୟଙ୍କ ଘରେ ରହିବା ପରେ ବିବାହ କରିଥିଲେ। ଏହାପରେ ନାବାଳିକାଙ୍କୁ ଧରି ନାବାଳକ ତାଙ୍କ ପୈତୃକ ଘରେ ପହଞ୍ଚିଥିଲେ। ତେବେ ଏ ନେଇ ଜରପଡା ଥାନାରେ ଜୁନ୍ ୧୬ ତାରିଖରେ ନାବାଳିକାଙ୍କ ମା’ ଲିଖିତ ଅଭିଯୋଗ କରିବା ପରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ନାବାଳକଙ୍କ ଘରେ ନାବାଳିକା ଥିବା ଜାଣିବା ପରେ ପୋଲିସ ଚଢ଼ାଉ କରି ନାବାଳିକାଙ୍କୁ ଉଦ୍ଧାର କରିଛି। ନାବାଳକଙ୍କୁ ବାଳ ସୁଧାର ଗୃହକୁ ପଠାଇଥିବା ପୋଲିସ ପ୍ରକାଶ କରିଛି।

### ନିମ୍ନମାନର ନିର୍ମାଣ ଅଭିଯୋଗ



**ଛେଣ୍ଡିପଦା,୧୩ା୭(ସ୍ୱ.ପ୍ର.):** ଛେଣ୍ଡିପଦା ବ୍ଲକ ଦୁର୍ଗାପୁର ପଞ୍ଚାୟତ ୧୦ ନମ୍ବର ୱାର୍ଡ ଗଉଡସାହି ରାସ୍ତା ପାର୍ଶ୍ୱରେ ଥିବା ଏକମାତ୍ର ନଳକୂପ ଚାରିପଟେ ନିମ୍ନମାନର ନିର୍ମାଣ ଯୋଗୁ ବର୍ଷାଜଳ ଜମୁଥିବା ଅଭିଯୋଗ ହୋଇଛି। ଶୋକପିଟ୍ ନିର୍ମାଣ ମଧ ଠିକ୍ ଭାବେ କରାଯାଇ ନ ଥିବାରୁ ଉକ୍ତ ବର୍ଷାଜଳ ନିଷ୍କାସନ ହୋଇ ନ ପାରି ନଳକୂଅ ମଧରେ ପ୍ରବେଶ କରୁଥିବାରୁ ସ୍ଥାନୀୟ ଲୋକମାନେ ନଳକୂଅରୁ ବାହାରୁଥିବା ଦୂଷିତ ପାଣି ବ୍ୟବହାର କରିବାକୁ ବାଧ ହେଉଛନ୍ତି। ପ୍ଲାଟଫର୍ମଟି ରାସ୍ତାଠାରୁ ଖାଲୁଆ ସ୍ଥାନରେ ନିର୍ମାଣ କରାଯାଇଥିବାରୁ ବର୍ଷା ପାଣି ନିଷ୍କାସନ ହୋଇପାରୁ ନାହିଁ। ପଞ୍ଚାୟତ କର୍ତ୍ତୃପକ୍ଷଙ୍କ ଦୂରଦୃଷ୍ଟି ଅଭାବରୁ ଏପରି ହୋଇଥିବା ଅଭିଯୋଗ ହେଉଛି। ଏ ସମ୍ପର୍କରେ ଜଳ ଓ ପରିମଳ ବିଭାଗ ଯନ୍ତ୍ରୀ ଶାଳିନୀ ମୁର୍ମୁ କହିଛନ୍ତି, କର୍ମଚାରୀମାନଙ୍କୁ ପଠାଇ ତୁରନ୍ତ ସମସ୍ୟାର ସମାଧାନ ପାଇଁ ବ୍ୟବସ୍ଥା କରାଯିବ।

### ଶିଶୁ ମନ୍ଦିରରେ ଗୁରୁପୂର୍ଣ୍ଣିମା

**ଆଠମଲ୍ଲିକ,୧୩ା୭(ଡି.ଏନ.ଏ.):** ଆଠମଲ୍ଲିକ ଶିଶୁ ବିଦ୍ୟାମନ୍ଦିର ପରିସରରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ଆଠମଲ୍ଲିକ ନଗର ଶିବାଜୀ ପ୍ରଭାତ ଶାଖା ତରଫରୁ ଗୁରୁପୂର୍ଣ୍ଣିମା ଉତ୍ସବ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଆର୍‌ଏସ୍‌ଏସ୍ ଢେଙ୍କାନାଳ ବିଭାଗ ସଂଘ ଚାଳକ ସୁଧୀର କୁମାର ମିଶ୍ର, ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ଗିରିଶ ଚନ୍ଦ୍ର ରଥ ଯୋଗ ଦେଇ ଗୁରୁପୂର୍ଣ୍ଣିମା ପାଳନର ତାତ୍ପର୍ଯ୍ୟ ଉପରେ ବ୍ୟାଖ୍ୟା କରିଥିଲେ। ଅନ୍ୟମାନଙ୍କ ମଧରେ ଆର୍‌ଏସ୍‌ଏସ୍ ଆଠମଲ୍ଲିକ ଖଣ୍ଡ କାର୍ଯ୍ୟବାହ ପୂର୍ଣ୍ଣଚନ୍ଦ୍ର ଦେହୁରୀ, ଗୁରୁଜୀ ତରୁଣ କୁମାର ଦାସ, ଗୁରୁଜୀ ରବୀନ୍ଦ୍ର କୁମାର ଥାଟ୍ଟୀ, ଆଇନଜୀବୀ ପ୍ରାଣବନ୍ଧୁ ମେଣ୍ଡୁଲି, ଆଇନଜୀବୀ ଭବାନୀ ପ୍ରସାଦ ଜ୍ୟୋତିଷରାୟଙ୍କ ସମେତ ସ୍ୱୟଂ ସେବକ ସଂଘର କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ। ସେହିପରି ମାଧପୁରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ମଧ ଗୁରୁପୂର୍ଣ୍ଣିମା ପାଳିତ ହୋଇଥିଲା।

# ବର୍ଷକଯାକ ବାରଣ୍ଡାରେ



- ପରଶୁମାଳ ସରକାରୀ ଉ.ପ୍ରା.ବିଦ୍ୟାଳୟକୁ ଅବହେଳା
- ୮ଟି ଶ୍ରେଣୀ ପାଇଁ ନାହିଁ ଆବଶ୍ୟକ କୋଠରି
- ଶିକ୍ଷାଦାନ ବାଧାପ୍ରାପ୍ତ ହେଉଥିବାରୁ ଅସନ୍ତୋଷ

**ବଇଣ୍ଡା,୧୩ା୭(ଡି.ଏନ.ଏ.)**

୮୭ ବର୍ଷର ଶିକ୍ଷାନୁଷ୍ଠାନ। ହେଲେ ଭିତ୍ତିଭୂମି ଏତେ ଦୁର୍ବଳ ଯେ ପ୍ରଥମରୁ ଅଷ୍ଟମ ଶ୍ରେଣୀର ଛାତ୍ରୀଛାତ୍ରଙ୍କ ପାଇଁ ନାହିଁ ଆବଶ୍ୟକ ସଂଖ୍ୟକ ଶ୍ରେଣୀଗୃହ। ସରକାର କରିଥିବା ବ୍ୟବସ୍ଥା ପର୍ଯ୍ୟାପ୍ତ ହେଉ ନ ଥିବାରୁ ଏଠାରେ ବାଧାପ୍ରାପ୍ତ ହେଉଛି ଶିକ୍ଷାଦାନ। ଶିକ୍ଷାର୍ଥୀଙ୍କ ତୁଳନାରେ ଶିକ୍ଷକ, କୋଠରି, ଶୌଚାଳୟ, ଖେଳପଡ଼ିଆ ନ ଥିବା ନେଇ ବାରମ୍ବାର ଶିକ୍ଷା ବିଭାଗର ଦୃଷ୍ଟି ଆକର୍ଷଣ କରାଯାଇଛି। ହେଲେ ସରକାରୀ ଅବହେଳାର ଶେଷ ହେଉ ନ ଥିବାରୁ ବର୍ଷକ ଯାକ ବାରଣ୍ଡାରେ ବସି ପଢ଼ୁଛନ୍ତି ୨ଟି ଶ୍ରେଣୀର ଛାତ୍ରୀଛାତ୍ର। ଦୀର୍ଘବର୍ଷ ହେଲା ଅନୁଗୋଳ ଜିଲା କିଶୋରନଗର ବ୍ଲକ ପରଶୁମାଳ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଏପରି ସମସ୍ୟା ଘେରରେ ରହିଥିବାରୁ ପରିଚାଳନା କମିଟି ଓ ଅଭିଭାବକଙ୍କ ମଧରେ ତୀବ୍ର ଅସନ୍ତୋଷ ଦେଖାଦେଇଛି।

ଗ୍ରାମବାସୀଙ୍କ କହିବା ଅନୁଯାୟୀ, ୧୯୩୫ ମସିହାରେ ଗ୍ରାମବାସୀଙ୍କ ଉଦ୍ୟମରେ ଏହି ବିଦ୍ୟାଳୟ ସ୍ଥାପନ ହୋଇଥିଲା। ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଏଠାରେ ୨ଶହ ଛାତ୍ରୀଛାତ୍ର ପଢ଼ୁଛନ୍ତି। କିନ୍ତୁ ୮ଟି ଶ୍ରେଣୀର ପିଲାଙ୍କ ପାଇଁ ବର୍ତ୍ତମାନ ମାତ୍ର ୫ ଶ୍ରେଣୀଗୃହ ରହିଛି। ସେଥିରୁ ଗୋଟିଏ ଅଫିସ କରାଯାଇଥିବା ବେଳେ ଗୋଟିଏ ଗୃହ ବିପଦସଙ୍କୁଳ ଅବସ୍ଥାରେ ରହିଛି। ଅନ୍ୟ ୩ଟି ଗୃହରେ ୮ଟି ଶ୍ରେଣୀର ପିଲାଙ୍କୁ ବସାଯାଇ ପାରୁ ନ ଥିବାରୁ ଅଫିସ ଗୃହରେ ୨ଟି ଓ ବାରଣ୍ଡାରେ ୨ଟି ଶ୍ରେଣୀର ପିଲାଙ୍କୁ ପଢ଼ାଯାଉଛି। ବର୍ଷକଯାକ ବାରଣ୍ଡାରେ ୨ଟି ଶ୍ରଣୀର ପିଲା ପଢୁଥିଲେ ମଧ ବର୍ଷା ସମୟରେ ସେମାନଙ୍କୁ ହଇରାଣ ହେବାକୁ ପଡୁଛି। ସେହିପରି ବିଦ୍ୟାଳୟରେ ୮ଜଣ ଶିକ୍ଷକଙ୍କ ଆବଶ୍ୟକତା ଥିବାବେଳେ ୫ ଜଣଙ୍କୁ ନିଯୁକ୍ତି ମିଳିଛି। ଅନ୍ୟ ୩ ଖାଲି ପଦବୀରେ ଶିକ୍ଷକ ନିଯୁକ୍ତି କରାଯାଉନାହିଁ। ଏଥିସହ ୬ଟି ଶୌଚାଳୟ ସ୍ଥାନରେ ମାତ୍ର ୨ଟି ନିର୍ମାଣ କରାଯାଇଥିବା ବେଳେ ତାହା ପରିତ୍ୟକ୍ତ ଅବସ୍ଥାରେ ରହିଛି। ଫଳରେ ଶୌଚ ପାଇଁ ଛାତ୍ରୀଛାତ୍ରମାନଙ୍କୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଆଉ ୪ଟି ଶୌଚାଳୟ ନିର୍ମାଣ ପାଇଁ ଶିକ୍ଷା କମିଟି ପକ୍ଷରୁ ବହୁବାର ପ୍ରଶାସନ ନିକଟରେ ଅଭିଯୋଗ କରାଯାଇଛି। ହେଲେ କେହି ଶୁଣୁ ନ ଥିବା ଶିକ୍ଷା କମିଟି ପକ୍ଷରୁ ଅଭିଯୋଗ କରାଯାଇଛି। ବିଦ୍ୟାଳୟରେ ଖେଳପଡ଼ିଆ ନ ଥିବାରୁ ଛାତ୍ରୀଛାତ୍ରମାନେ ଖେଳକୁଦ କରିପାରୁନାହାନ୍ତି। ଉପରୋକ୍ତ ସମସ୍ୟାଗୁଡ଼ିକର ସମାଧାନ ପାଇଁ ଗ୍ରାମବାସୀଙ୍କ ପକ୍ଷରୁ ୧୫ ଜୁନ ୨୦୧୮ ଓ ୩ ଫେବୃୟାରୀ ୨୦୨୨ରେ ଶିକ୍ଷା ବିଭାଗ ଅଧିକାରୀଙ୍କୁ ଅଭିଯୋଗ କରାଯାଇଥିଲେ ମଧ ପଦକ୍ଷେପ ନିଆଯାଇ ନ ଥିବାରୁ ଗ୍ରାମବାସୀ କ୍ଷୋଭ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଆଠମଲ୍ଲିକ ବ୍ଲକ ଶିକ୍ଷା ଅଧିକାରୀ ଦାଶରଥି ଶୁଣ୍ଢି କହିଛନ୍ତି, ଯେଉଁ ବିଦ୍ୟାଳୟରେ ସମସ୍ୟା ରହିଛି, ତାହାକୁ ବିଭାଗ ପକ୍ଷରୁ ତର୍ଜମା କରାଯାଉଛି। ଶ୍ରେଣୀଗୃହ ମରାମତି ଓ ନୂତନ ଶ୍ରେଣୀଗୃହ ନିର୍ମାଣ ପାଇଁ ପଞ୍ଚାୟତିରାଜ ବିଭାଗକୁ ଅବଗତ କରାଯିବ। ଖାଲି ପଡିଥିବା ଶିକ୍ଷକ ପଦବୀ ପୂରଣ କରିବା ପାଇଁ ଦୃଷ୍ଟି ଦିଆଯାଉଛି।

**ଉଚ୍ଚ ପଦାଧିକାରୀଙ୍କୁ ଅବଗତ କରାଯାଇଛି**



ପରଶୁମାଳ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବହୁ ସମସ୍ୟା ଲାଗିରହିଛି। ସେଗୁଡିକର ସମାଧାନ ପାଇଁ ଶିକ୍ଷା ବିଭାଗ ଉଚ୍ଚ ପଦାଧିକାରୀଙ୍କୁ ଅବଗତ କରାଯାଇଛି। ଖାଲି ପଡ଼ିଥିବା ପଦବୀରେ ତୁରନ୍ତ ଶିକ୍ଷକ ନିଯୁକ୍ତି କରାଯାଉ।

-ଶୁକ୍ରୁ କୁମାର ପ୍ରଧାନ, ପ୍ରଧାନଶିକ୍ଷକ

**ଦୀର୍ଘବର୍ଷ ହେବ ସମସ୍ୟା ଘେରରେ**



ଦୀର୍ଘବର୍ଷ ହେବ ଏହି ଶିକ୍ଷାନୁଷ୍ଠାନ ସମସ୍ୟା ଘେରରେ ରହିଛି। ଆବଶ୍ୟକ ଶ୍ରେଣୀଗୃହ ନିର୍ମାଣ କରାଯାଉ ନ ଥିବାରୁ ଛାତ୍ରୀଛାତ୍ରମାନେ ବିଦ୍ୟାଳୟ ବାରଣ୍ଡାରେ ବସି ପଢ଼ିବାକୁ ବାଧ ହେଉଛନ୍ତି। ତେବେ ବର୍ଷା ହେଲେ ଛାତ୍ରୀଛାତ୍ରମାନେ ହଇରାଣ ହେଉଛନ୍ତି।

-ବିଭୂତି ଭୂଷଣ ପ୍ରଧାନ, ପରିଚାଳନା କମିଟି ସଭାପତି

**ଶୌଚାଳୟ, ଖେଳପଡ଼ିଆ ନାହିଁ**



ଛାତ୍ରୀଛାତ୍ରଙ୍କ ପାଇଁ ବିଦ୍ୟାଳୟରେ ଆବଶ୍ୟକ ପରିମାଣର ଶୌଚାଳୟ ନାହିଁ। ଫଳରେ ଶୌଚ ପାଇଁ ଛାତ୍ରୀମାନଙ୍କୁ ବହୁ ହଇରାଣ ହେବାକୁ ପଡୁଛି। ସେହିପରି ଖେଳପଡ଼ିଆ ନ ଥିବା ଯୋଗୁ ପିଲାମାନେ ଖେଳି ପାରୁନାହାନ୍ତି। ସରକାର ତୁରନ୍ତ ଦୃଷ୍ଟି ଦିଅନ୍ତୁ।

-ଜାନକୀ ବାଘ, ଅଭିଭାବକ

**ଶିକ୍ଷକ ନିଯୁକ୍ତି ଦିଆଯାଉ ନାହିଁ**



ଖାଲି ପଡ଼ିଥିବା ଶିକ୍ଷକ ପଦବୀରେ ନୂଆ ନିଯୁକ୍ତି ଦିଆଯାଉ ନ ଥିବାରୁ ଶିକ୍ଷାଦାନରେ ଅସୁବିଧା ସୃଷ୍ଟି ହେଉଛି। ଅଷ୍ଟମ ଶ୍ରେଣୀ ଛାତ୍ରୀଛାତ୍ରମାନେ ଅଧିକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗ୍ରାମବାସୀ ବହୁବାର ଶିକ୍ଷା ବିଭାଗ ନିକଟରେ ଅଭିଯୋଗ କରିଥିଲେ ମଧ ସୁଫଳ ମିଳୁନାହିଁ।

-ଅମର ପ୍ରଧାନ, ଅଭିଭାବକ

# ଲୁହାଛଡ଼ ଚୋରି ବେଳେ ୪ ଗିରଫ

**ଅନୁଗୋଳ ଅଫିସ,୧୩ା୭**

ଅନୁଗୋଳ ଜିଲା ଜରପଡା ଥାନା ମରାଡିରା ନିକଟରୁ ଏକ ଲୁହାଛଡ଼ା ବୋଝେଇ ଟ୍ରକ୍‌ରୁ ଛଡ ଚୋରି ଅଭିଯୋଗରେ ପୋଲିସ ବୁଧବାର ୪ ଜଣଙ୍କୁ ଗିରଫ କରିଛି। ଏଥିସହ ଏକ ଟ୍ରକ୍, ଗୋଟିଏ ପିକ୍‌ଅପ୍ ଭ୍ୟାନ ଓ ଲୁହା ଛଡ଼ ଜବତ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଉକ୍ତ ଟ୍ରକ୍ ଚାଳକ ଢେଙ୍କାନାଳ ଜିଲା ଇନ୍ଦିପୁର ଗାଁର କୁଞ୍ଜ ବିହାରୀ ବେହେରା ଓ ହେଲପର ଢେଙ୍କାନାଳ ଜିଲା ଗୋବିନ୍ଦପ୍ରସାଦ ଗାଁର କମଳକାନ୍ତ ଜେନା, ପିକ୍‌ଅପ୍ ଚାଳକ ଢେଙ୍କାନାଳ ଜିଲା ଗଣ୍ଡାନାଳୀ ଗାଁର ଶଶିକାନ୍ତ ସାହୁ ଓ ହେଲପର ରାଜେନ୍ଦ୍ର ସ୍ୱାଇଁ।

ପୋଲିସ କହିଛି, ୫୫ନଂ. ଜାତୀୟ ରାଜପଥର ମରାଡିରା ଠାରେ ଥିବା ଏକ ଢାବା ନିକଟରୁ ଟ୍ରକ୍‌ରୁ ଲୁହା ଛଡ ଚୋରି ହେଉଥିବା ବିଶ୍ୱସ୍ତସୂତ୍ରରୁ ଖବରପାଇ ଚଢାଉ କରାଯାଇଥିଲା। ଚଢାଉ ବେଳେ ସେଠାରେ ଟ୍ରକ୍ (ନଂ. ଓଡି୦୫ଏଏସ୍-୫୨୮୯)ରୁ ୪ ଜଣ ବ୍ୟକ୍ତି ଲୁହାଛଡ ନେଇ ପିକଅପ ଭ୍ୟାନରେ ଲୋଡ କରୁଥିବା ଦେଖିବାକୁ ମିଳିଥିଲା। ତୁରନ୍ତ ପୋଲିସ ସେମାନଙ୍କୁ ଧରିବାକୁ ଚେଷ୍ଟା କରିବା ବେଳେ ୨ଜଣ ପିକଅପ ଭ୍ୟାନ ନେଇ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ। ତେବେ ସେଠାରେ ଥିବା ଲୁହା ଛଡ ବୋଝେଇ ଟ୍ରକ୍ ଜବତ ସହ ୨ଜଣଙ୍କୁ ଧରିବାରେ ପୋଲିସ ସଫଳ ହୋଇଥିଲା। ଏହାପରେ ଫେରାର ହେଇଯାଉଥିବା ପିକ୍‌ଅପ୍ ଭ୍ୟାନକୁ ପୋଲିସ ଗୋଡାଇ ଧରିବାକୁ ଚେଷ୍ଟା କରିଥିଲା। ବନ୍ତଲା ପୋଲିସ ସହାୟତାରେ ଧୁକୁଟା ବନଦୁର୍ଗା ମନ୍ଦିର ନିକଟରେ ଉକ୍ତ ଗାଡ଼ିକୁ ଧରାଯାଇଥିଲା। ଗାଡ଼ିରେ ଆବଶ୍ୟକ କାଗଜପତ୍ର ନ ଥିବାରୁ ସେଥିରେ ଥିବା ବ୍ୟକ୍ତିଙ୍କୁ ଆଣି ପଚରାଉଚରା କରାଯାଇଥିଲା। ଏହାପରେ ସମ୍ପୂର୍ଣ୍ଣ ଘଟଣା ସମ୍ପର୍କରେ ପୋଲିସ ଜାଣିପାରିଥିଲା। ଟ୍ରକ୍‌ରୁ ଲୁହାଛଡ଼ ବାହାର କରୁଥିବା ବ୍ୟକ୍ତିମାନେ ଅନ୍ୟ କେହି ନୁହନ୍ତି, ବରଂ ଦୁଇ ଗାଡ଼ିର ଡ୍ରାଇଭର ଓ ହେଲପର ବୋଲି ସୂଚନା ମିଳିଥିଲା। ଏକ ଘରୋଇ କମ୍ପାନୀରୁ ଲୁହା ଛଡ ନେଇ ଆସିଥିବା ଟ୍ରକ୍ ଡ୍ରାଇଭର ଓ ହେଲପର ପୂର୍ବରୁ ପିକଅପ ଭ୍ୟାନର ଡ୍ରାଇଭର ଓ ହେଲପର ସହ ମିଶି ଗାଡିରୁ ଲୁହା ଛଡ ଚୋରି ପାଇଁ ଯୋଜନା କରିଥିଲେ। ଆଉ ଯୋଜନା ଅନୁସାରେ ଚୋରି ଚାଲିଥିବା ବେଳେ ପୋଲିସ ସେମାନଙ୍କୁ ଧରିଥିଲା। ଏଥିସହ ଟ୍ରକ୍, ପିକଅପ୍ ଭ୍ୟାନ ଓ ୩.୫ କୁଇଣ୍ଟାଲ ଛଡ ଜବତ କରିଥିଲା। ଗିରଫ ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଥିବା ପୋଲିସ ପ୍ରକାଶ କରିଛି।




# ଲଘୁ ଖଣିଜ ଚୋରି ରୋକିବା ଉପରେ ଗୁରୁତ୍ୱ



ରାଜସ୍ୱ ସମୀକ୍ଷା ବୈଠକରେ ଉପସ୍ଥିତ ଅଧିକାରୀମାନେ।

**ଆଠମଲ୍ଲିକ,୧୩ା୭(ଡି.ଏନ.ଏ.)**

ଆଠମଲ୍ଲିକ ଉପଜିଲାପାଳଙ୍କ କାର୍ଯ୍ୟାଳୟ ନିକଟସ୍ଥ ସଭାଗୃହରେ ଉପଜିଲାପାଳ ଲଳିତ ମୋହନ ବେହେରାଙ୍କ ଅଧକ୍ଷତାରେ ବୁଧବାର ରାଜସ୍ୱ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ମୁଖ୍ୟତଃ ରାଜସ୍ୱ ମାମଲା ନିର୍ଦ୍ଦିଷ୍ଟ ସମୟ ସୀମା ମଧରେ ଫଇସଲା କରିବା, ଲଘୁ ଖଣିଜ ଦ୍ରବ୍ୟ ଚୋରି ରୋକିବା ଦିଗରେ ସମସ୍ତେ ପ୍ରୟାସ କରିବା, ରାଜସ୍ୱ ଆଦାୟ ଅଧିକରୁ ଅଧିକ କରିବା, ଲୋକଙ୍କୁ ତ୍ୱରିତ ସେବା ଯୋଗାଇଦେବା ଆଦି ବିଷୟ ଉପରେ ଆଲୋଚନା କରାଯାଇଥିଲା। ବୈଠକରେ ତହସିଲଦାର ସଫି ସାଇନିକା, ଅତିରିକ୍ତ ତହସିଲଦାର ଅଶୋକ ଦେହୁରୀ, କିଶୋରନଗର ଅତିରିକ୍ତ ତହସିଲଦାର ଜିତେନ୍ଦ୍ର ବିଶ୍ୱାଳ, ସହକାରୀ ଜିଲାପାଳ କୁଳମଣି ଦଳେଇ, ସୁପରଭାଇଜର ଦଣ୍ଡଧର ସିଂ ଓ ଉପଖଣ୍ଡର ସମସ୍ତ ରାଜସ୍ୱ ନିରୀକ୍ଷକ, ଅତିରିକ୍ତ ରାଜସ୍ୱ ନିରୀକ୍ଷକ ଯୋଗଦେଇ ସମୀକ୍ଷା ବୈଠକରେ ଭାଗ ନେଇଥିଲେ।

# ଡେପୁଟେଶନରେ ଚାଲିଛି କଲ୍ୟାଣ ବିଭାଗ ବିଦ୍ୟାଳୟ

**ଅନୁଗୋଳ ଅଫିସ.୧୩ା୭**

ଅନୁଗୋଳ ଜିଲା କଲ୍ୟାଣ ବିଭାଗ ଅଧୀନରେ ପରିଚାଳିତ ସେବାଶ୍ରମ, ଆଶ୍ରମ ଓ ହାଇସ୍କୁଲଗୁଡ଼ିକରେ ଗୁରୁତର ଅବ୍ୟବସ୍ଥା ପରିଲକ୍ଷିତ ହୋଇଥିବା ଅଭିଯୋଗ ହେଉଛି। ଅଭିଯୋଗରେ ଦର୍ଶାଯାଇଛି ଯେ, ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ମନମୁଖି ଭାବେ ଦୀର୍ଘ ଦିନ ଧରି ଡେପୁଟେଶନରେ ପଠାଯିବା ଦ୍ୱାରା ମୂଳ ବିଦ୍ୟାଳୟରେ ପାଠପଢ଼ା ପ୍ରଭାବିତ ହେଉଛି। ଡେପୁଟେଶନ ସମୟ ସୀମା କେତେ ତାହା ବିଭାଗ ଦ୍ୱାରା ସ୍ଥିରୀକୃତ କରାଯାଉନାହିଁ। ଫଳରେ ଏହାର ସୁଯୋଗ ନେଇ କେତେଜଣ ଶିକ୍ଷୟିତ୍ରୀ ସଲାସୁତରା କରି ନିଜ ସୁବିଧାଜନକ ସ୍ଥାନରେ ରହିବା ପାଇଁ ସମର୍ଥ ହେଉଛନ୍ତି। ଏପରିସ୍ଥଳରେ ମୂଳ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶିକ୍ଷକ ଅଭାବ ସମ୍ପର୍କରେ ଅଭିଯୋଗ କରିବା ପାଇଁ କାର୍ଯ୍ୟାଳୟକୁ ଆସୁଥିଲେ ମଧ କଲ୍ୟାଣ ଅଧିକାରୀଙ୍କ ଦେଖା ମିଳୁନାହିଁ। କିରାଣିଙ୍କ ସହ ଆଲୋଚନା କରି ସେମାନଙ୍କୁ ଫେରିବାକୁ ପଡୁଛି। ଅଭିଯୋଗ କଲେ ସେମାନଙ୍କ ଦରମା ବନ୍ଦ କରାଯାଉଛି ବା କୈଫିୟତ ତଲବ କରାଯାଉଛି। ଆଶ୍ଚର୍ଯ୍ୟଜନକ ଭାବେ ତାଲିମରେ ଥିବା ସମୟରେ ଜଣେ ଶିକ୍ଷକଙ୍କ ଦରମା ବନ୍ଦ କରାଯାଇଛି। ଏପରି କି ବିଭାଗୀୟ ହ୍ୱାଟସ୍‌ଆପ ବା ଇ-ମେଲ ଯୋଗେ ନୋଟିସ ପଠା ନ ଯାଇ ଯେକୌଣସି ବ୍ୟକ୍ତିବିଶେଷଙ୍କ ମାଧ୍ୟମରେ ପ୍ରେରଣ କରାଯାଉଛି। ଫଳରେ ସରକାରୀ ଗୋପନୀୟତାର ଗୁରୁତର ଉଲ୍ଲଂଘନ ହେଉଥିବା ଦେଖାଯାଉଛି। ସେହିପରି ନୂଆ ଅନ୍ୱେଷା ହଷ୍ଟେଲ ଅଦ୍ୟାବଧି କାର୍ଯ୍ୟକ୍ଷମ ହୋଇପାରି ନାହିଁ। ସରକାର ଅନ୍ୟତ୍ର ଘର ଭଡ଼ା ନେଇ ଲକ୍ଷଲକ୍ଷ ଟଙ୍କା ଗଣୁଛନ୍ତି। ନୂଆ ହଷ୍ଟେଲରେ ଗୁରୁତର ଜଳାଭାବର ଆଶଙ୍କା ରହିଥିଲେ ମଧ ବିଭାଗୀୟ କର୍ତ୍ତୃପକ୍ଷ ଏଥିପ୍ରତି ଆଖିବୁଜି ଦେଇଛନ୍ତି। ଏ ସମ୍ପର୍କରେ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟରେ ଏକାଧିକ ଅଭିଯୋଗ ଦାଖଲ ହୋଇଥିବା ଅଭିଯୋଗରେ ଉଲ୍ଲେଖ କରାଯାଇଛି। ଏ ନେଇ ଡିଡବ୍ଲ୍ୟୁଓ ସନ୍ଧ୍ୟା ମାଝି କହିଛନ୍ତି, ୨ରୁ ୩ ଜଣ ଡେପୁଟେଶନରେ ରହିଛନ୍ତି। ସେମାନେ କେବେଠାରୁ ରହିଛନ୍ତି, ସେ ନେଇ ଫାଇଲ ଦେଖିଲେ ଜଣାପଡ଼ିବ। କୌଣସି କୈଫିୟତ ବ୍ୟକ୍ତିବିଶେଷଙ୍କ ମାଧ୍ୟମରେ ପଠାଯାଉ ନ ଥିବା ମାଝି ପ୍ରକାଶ କରିଛନ୍ତି।




# ସୁନ୍ଦର, ସୁଚାରୁ ରୂପେ ପାଳନ କର

## ସ୍ୱାଧୀନତା ଦିବସ ପ୍ରସ୍ତୁତି ବୈଠକ

**ଖମାର,୧୩ା୭(ଡି.ଏନ.ଏ.)**

ଆଞ୍ଚଳିକ ସ୍ୱାଧୀନତା ଦିବସ ପାଳନ ସମିତି ଖମାର ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ପାଲଲହଡ଼ା ବ୍ଲକ ଖମାରସ୍ଥିତ ଉତ୍କଳମଣି ଗୋପବନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ସମିତି ସଭାପତି ତଥା ଉତ୍କଳମଣି ଗୋପବନ୍ଧୁ ମହାବିଦ୍ୟାଳୟ ଅଧକ୍ଷ ଡ. ଅକ୍ଷୟ କୁମାର ପଣ୍ଡା ଏଥିରେ ଅଧକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ପାଲଲହଡା ବିଧାୟକ ମୁକେଶ କୁମାର ପାଳ, ସମ୍ମାନିତ ଅତିଥି ଭାବେ ଖମାର ମେଡିକାଲ ଅଧିକାରୀ ଡ. ଶଶିକାନ୍ତ ବେହେରା, ପାଲଲହଡା ବ୍ଲକ ଅଧକ୍ଷା ରୀନା ନାଏକ, କଣିହାଁ ବ୍ଲକ ଉପାଧକ୍ଷା ଜୟନ୍ତୀ ପ୍ରଧାନ, ଖମାର ଥାନା ଅଧିକାରୀ ପ୍ରଶାନ୍ତ କୁମାର ପଡ଼ିହାରୀ ପ୍ରମୁଖ ମଞ୍ଚାସୀନ ଥିଲେ। ସମିତି ସମ୍ପାଦକ ତଥା ଉତ୍କଳମଣି ଗୋପବନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପ୍ରଦୀପ୍ତ କୁମାର ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିକ୍ଷକ ଗଣେଶ୍ୱର ମହାପାତ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଜାତୀୟ ଦିବସକୁ ଅଧିକ ସୁନ୍ଦର ଓ ସୁଚାରୁ ରୂପେ ପାଳନ କରିବା ଏବଂ ଅଧିକରୁ ଅଧିକ ନୂତନ ମେମ୍ବରଙ୍କୁ ସମିତିରେ ଯୋଡିବାକୁ ବିଧାୟକ ପରାମର୍ଶ ଦେଇଥିଲେ। ବ୍ଲକ ଅଧକ୍ଷା ନାଏକ କିପରି ଶାନ୍ତିଶୃଙ୍ଖଳାର ସହିତ ସ୍ୱାଧୀନତା ଦିବସ ପାଳନ ହେବ ତାହା ଉପରେ ଗୁରୁତ୍ୱ ଦେଇଥିଲେ। ଏହି ବୈଠକରେ ପ୍ରଧାନ ଶିକ୍ଷକ ମଦନ ମୋହନ ପ୍ରଧାନ, ଅଭିମନ୍ୟୁ ବିଶ୍ୱାଳ, ଧନେଶ୍ୱର ପ୍ରଧାନ, ଖଗେଶ୍ୱର ସାହୁ, ନରେନ୍ଦ୍ର କୁମାର ପ୍ରଧାନ, ଦୁଃଖବନ୍ଧୁ ପ୍ରଧାନ, ପୁରନ୍ଦର ପ୍ରଧାନ, ଗଙ୍ଗାଧର ଜିତ, ଦୁର୍ଗାପ୍ରସାଦ ଦ୍ୱିବେଦୀ, ଖଗେଶ୍ୱର ସାହୁ, ଖମାର ସରପଞ୍ଚ ଚକାଡୋଳା ନାଏକ, ଖମାର ଫରେଷ୍ଟର, ବଣିକ ସଂଘ ସଭାପତି ଧରଣୀଧର ବିଶ୍ୱାଳ, ବିଭିନ୍ନ ବିଭାଗର ଅଧିକାରୀ, ବଣିକ ସଂଘ, ଗ୍ରାମ ସଭାପତି ଉପସ୍ଥିତ ଥିଲେ।



ପ୍ରସ୍ତୁତି ବୈଠକରେ ଉପସ୍ଥିତ ଜନପ୍ରତିନିଧି, ପ୍ରଶାସନିକ ଅଧିକାରୀ ଓ କର୍ମକର୍ତ୍ତାମାନେ।

# ଘରୋଇକରଣ ପ୍ରତିବାଦରେ ଗଣଧାରଣା

**ତାଳଚେର,୧୩ା୭(ନି.ପ୍ର.)**

ତାଳଚେରସ୍ଥିତ ଏମ୍‌ସିଏଲ୍‌ର ଭରତପୁର କୋଇଲାଖଣିରେ ନୂତନ ସାଇଲୋ ପ୍ଲାଣ୍ଟକୁ ଘରୋଇକରଣ କରାଯାଇଥିବା ପ୍ରତିବାଦରେ ବିଭିନ୍ନ ଶ୍ରମିକ ସଙ୍ଗଠନମ ପକ୍ଷରୁ ବିରୋଧ କରାଯାଇଥିବା ବେଳେ ସୋମବାରଠାରୁ ପ୍ଲାଣ୍ଟ ସମ୍ମୁଖରେ ଦିଆଯାଇଥିବା ଗଣଧାରଣା ବୁଧବାର ତୃତୀୟ ଦିବସରେ ପହଞ୍ଚିଛି। ତାଳଚେରରେ କାର୍ଯ୍ୟରତ ଆଇଏନଟିୟୁସି, ବିଏମ୍‌ଏସ୍, ଏଚ୍‌ଏମ୍‌ଏସ୍ ଓ ଏଆଇଟିୟୁସି ସଙ୍ଗଠନର ଶ୍ରମିକମାନେ ୧୨ ଦଫା ଦାବିରେ ଏକଜୁଟ୍ ହୋଇ ଏହି ଗଣଧାରଣା ଦେଇଥିବା ବେଳେ ଅଦ୍ୟାବଧି ଏହାର କୌଣସି ସମାଧାନର ରାସ୍ତା ବାହାରି ପାରିନାହିଁ।

ଶ୍ରମିକ ସଙ୍ଗଠନଗୁଡ଼ିକ ପକ୍ଷରୁ କୁହାଯାଇଛି, ଭରତପୁର କୋଇଲା ଖଣିରେ କାର୍ଯ୍ୟରତ ସ୍ଥାୟୀ କର୍ମଚାରୀମାନଙ୍କ ହାତରୁ କାର୍ଯ୍ୟ ଛଡାଇ ନେଇ ଏମ୍‌ସିଏଲ୍ ଏକ ଠିକା ସଂସ୍ଥା ହାତକୁ ଟେକି ଦେଇଛି। ତେଣୁ କାମଗୁଡିକୁ ପୂର୍ବପରି ସ୍ଥାୟୀ କର୍ମଚାରୀମାନଙ୍କୁ ଦେବା ସହ ଏମ୍‌ସିଏଲ୍ ଅନ୍ୟାନ୍ୟ କୋଇଲା ଖଣିରେ ଚାଲୁଥିବା ଘରୋଇକରଣକୁ ତୁରନ୍ତ ବନ୍ଦ କରି ସ୍ଥାୟୀ ଶ୍ରମିକମାନଙ୍କୁ ପୁନର୍ବାର କାମ ଦେବାକୁ ଶ୍ରମିକ ସଙ୍ଗଠନଗୁଡିକ ଦାବି କରିଛନ୍ତି। ଏହାସହିତ ଘରୋଇକରଣକୁ ବିରୋଧ କରି ଶ୍ରମିକ ସଙ୍ଗଠନଗୁଡିକ ପକ୍ଷରୁ ଆସନ୍ତା ୧୮ ତାରିଖରେ ଏକ ମୋଟର ସାଇକେଲ ଶୋଭାଯାତ୍ରା ଲିଙ୍ଗରାଜ କୋଇଲାଖଣିରୁ ବାହାରି ବିଭିନ୍ନ କୋଇଲା ଖଣି ଦେଇ ହିଙ୍ଗୁଳା କୋଇଲା ଖଣି ପର୍ଯ୍ୟନ୍ତ ଯିବ। ୨୫ ତାରିଖରେ ସମସ୍ତ ଏରିଆ ଅଫିସ ସମ୍ମୁଖରେ ଗଣଧାରଣା ଦିଆଯିବ। ଦାବି ପୂରଣ ନ ହେଲେ ଅଗଷ୍ଟ ୧ ତାରିଖରୁ ତାଳଚେର କୋଇଲା ଖଣି ଅଞ୍ଚଳରେ ଧର୍ମଘଟର ଡାକରା ଦିଆଯାଇଛି ବୋଲି ଶ୍ରମିକ ସଙ୍ଗଠନର କର୍ମକର୍ତ୍ତାମାନେ ଘୋଷଣା କରିଛନ୍ତି। ଏହି ଗଣଧାରଣାରେ ବରିଷ୍ଠ ଶ୍ରମିକ ନେତା ସୌଭାଗ୍ୟ ପ୍ରଧାନ, ପ୍ରକାଶ କୁଣ୍ଡୁ, ଇନ୍ଦ୍ରଗୋବିନ୍ଦ ପାଢୀ, ସନତ ପାଣିଗ୍ରାହୀ, ରଘୁନାଥ ସମଲ, ବାବୁଲାଲ ଖଣ୍ଡୁଆଳ, ଛବୀନ୍ଦ୍ର ଖିଲାର, ତ୍ରିବେଣୀ ବିଶ୍ୱାଳ, ସୌଭାଗ୍ୟ ବେହେରାଙ୍କ ସହ ବହୁ ଶ୍ରମିକ ସାମିଲ ହୋଇଛନ୍ତି।




ଗଣଧାରଣାରେ ଉପସ୍ଥିତ ଶ୍ରମିକ ସଂଗଠନର କର୍ମକର୍ତ୍ତାମାନେ।

## ସଂକ୍ଷେପରେ

### ବସ୍-ଟ୍ୟାଙ୍କର ଧକ୍କା, ୨୫ରୁ ଊର୍ଦ୍ଧ୍ୱ ଯାତ୍ରୀ ଗୁରୁତର



ପାଲଲହଡା, ୧୩।୭(ଡି.ଏନ.ଏ): ପାଲଲହଡା ଥାନା ଅନ୍ତର୍ଗତ ୧୪୯ନଂ. ଜାତୀୟ ରାଜପଥ ବଡିସୁଆଁ ଗ୍ରାମ ନିକଟରେ ବୁଧବାର ରାଜ୍ୟ ପରିବହନ ନିଗମର ଏକ ବସ୍ ଏବଂ ତେଲ ଟ୍ୟାଙ୍କର ମଧରେ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ୨୫ରୁ ଊର୍ଦ୍ଧ୍ୱ ବସ୍ ଯାତ୍ରୀ ଗୁରୁତର ହୋଇଛନ୍ତି। ସ୍ଥାନୀୟ ଅଗ୍ନିଶମ ବାହିନୀ, ପୋଲିସ ଏବଂ ସ୍ଥାନୀୟ ଜନସାଧାରଣଙ୍କ ସହାୟତାରେ ସମସ୍ତଙ୍କୁ ପାଲଲହଡା ଉପଖଣ୍ଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସୂଚନା ଅନୁସାରେ, ସରକାରୀ ବସ୍‌ଟି ପାଲଲହଡାରୁ ଅନୁଗୋଳ ଅଭିମୁଖେ ଯାଉଥିବା ବେଳେ ବଡିସୁଆଁ ଗ୍ରାମ ନିକଟରେ ବିପରୀତ ଦିଗରୁ ଆସୁଥିବା ତେଲ ଟ୍ୟାଙ୍କର ସହିତ ଧକ୍କା ହୋଇଥିଲା। ରାସ୍ତା କଡ଼ରେ ଏକ ଟ୍ରକ୍ କୌଣସି ବୈଷୟିକ ସମସ୍ୟା କାରଣରୁ ଖରାପ ହୋଇ ଛିଡ଼ା ହୋଇଥିଲା। ଟ୍ୟାଙ୍କରଟି ଉକ୍ତ ଟ୍ରକ୍‌କୁ ଅତିକ୍ରମ କରୁଥିବାବେଳେ ବୁଲାଣି ରାସ୍ତାରେ ଏହି ଦୁର୍ଘଟଣା ଘଟିଥିଲା। ପୋଲିସ ଦୁର୍ଘଟଣା ଘଟାଇଥିବା ଗାଡ଼ି ଜବତ କରି ତଦନ୍ତ ଚଳାଇଛି।

### ଡାଇମଣ୍ଡ କ୍ଲବ ପକ୍ଷରୁ ଚାରାରୋପଣ

ତାଳଚେର,୧୩।୭(ନି.ପ୍ର.): ବନ ମହୋତ୍ସବ ସପ୍ତାହ ଉପଲକ୍ଷେ ନେହେରୁ ଯୁବକେନ୍ଦ୍ର, ଅନୁଗୋଳ ଆନୁକୂଲ୍ୟରେ ତାଳଚେର ଡାଇମଣ୍ଡ



କ୍ଲବ ସନ୍ତପଡା ଦ୍ୱାରା ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ କ୍ଲବ ସଭାପତି ସତ୍ୟାନନ୍ଦ ସାମଲ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। କ୍ଲବର ସଭ୍ୟମାନଙ୍କ ଦ୍ୱାରା ସନ୍ତପଡା ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ପ୍ରାୟ ଏକ ଶହ ଚାରା ରୋପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ କ୍ଲବ ସମ୍ପାଦକ ନରେଶ ଚନ୍ଦ୍ର ମହାନ୍ତି, ସଦସ୍ୟ ରଞ୍ଜନ କୁମାର ସାମଲ, ସୁଶାନ୍ତ କୁମାର ସାମଲ, ବିକାଶ ଧୀର, ସୌମ୍ୟ ରଞ୍ଜନ ସିଅ, ବିରଞ୍ଚି ଧୀର, କାହ୍ନା ସାହୁଙ୍କ ସମେତ ସମସ୍ତ ସଭ୍ୟ ଉପସ୍ଥିତ ଥିଲେ। ଆଗାମୀ ଦିନରେ ଏଭଳି କାର୍ଯ୍ୟକ୍ରମକୁ ବ୍ୟାପକ କରାଯିବ ବୋଲି ମୁଖ୍ୟ ଅତିଥି ପ୍ରକାଶ କରିବା ସହିତ ସମସ୍ତଙ୍କୁ ଆଜିର ମହତ କାର୍ଯ୍ୟ ପାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

# ହାତୀ ଉପଦ୍ରବରେ ୩ ଗ୍ରାମବାସୀ ଅତିଷ୍ଠ

ବଇଣ୍ଡା,୧୩।୭(ଡି.ଏନ.ଏ)



- ବ୍ୟାପକ ଫସଲ ନଷ୍ଟ କରୁଛନ୍ତି
- ଘରଭାଙ୍ଗି ଦେଉଥିବାରୁ ଆତଙ୍କ
- ଆକ୍ରମଣରୁ ବର୍ତ୍ତିଗଲେ ୩ଜଣ

କିଶୋରନଗର ବ୍ଲକ ହଣ୍ଡପା ରେଞ୍ଜରେ ହାତୀ ଉପଦ୍ରବ ବଢ଼ିବାରେ ଲାଗିଛି। ୧୫ ମାଈ ଓ ଗୋଟିଏ ଦନ୍ତା ହାତୀ ଉପଦ୍ରବ କରୁଥିବାରୁ ରେଞ୍ଜବାସୀ ଆତଙ୍କିତ ହୋଇପଡିଛନ୍ତି। ବିଶେଷକରି ୨ ସପ୍ତାହ ହେବ ଦେବଗଡ ଅଞ୍ଚଳରୁ ହାତୀପଲ ଆସି ହଣ୍ଡପା ରେଞ୍ଜରେ ଉପଦ୍ରବ ଚଳାଇଛନ୍ତି। ମଙ୍ଗଳବାର ରାତିରେ ଲୁହାମୁଣ୍ଡା ଗ୍ରାମରେ ଏହି ୧୬ଟି ହାତୀ ପଶି ଅନ୍ତର୍ଯ୍ୟାମୀ ରାଉଳ, ନକୁଳ ଦେହୁରୀ, ମଉଡ ସେଠୀ, ସୁରେଇ ପ୍ରଧାନ, ଶରତ ଲହରା, ତ୍ରିନାଥ ଦେହୁରୀ, ଯୁଗଳ ଦେହୁରୀ, ବାପୁଜୀ ଦେହୁରୀ, ନବୀନା ଦେହୁରୀ, ସଞ୍ଜୟ ସାହୁଙ୍କ ଧାନ ତଳି ସହ ପଣସ, ଆମ୍ବ ଗଛ ଗୁଡିକ ଖାଇ ନଷ୍ଟ କରିଦେଇଛନ୍ତି। ସେହିପରି ବିଡିସିଙ୍ଗ ଗ୍ରାମରେ ବୁଧବାର ଉକ୍ତ ହାତୀପଲ ପଶି ଗିରିଧାରୀ ସାହୁ, ଅଲେଖ ସାହୁ, ଅରୁଣ ସାହୁ, ଗୋବିନ୍ଦ ପ୍ରଧାନ, ସଞ୍ଜୀବ ପ୍ରଧାନ, କୈଳାସ ଚନ୍ଦ୍ର ସାହୁ, କାଳିଆ ପ୍ରଧାନ, ଯଶୋବନ୍ତ ପ୍ରଧାନଙ୍କ ଫସଲ ନଷ୍ଟ କରିଦେଇଛନ୍ତି। ସେହିପରି ପୁରୁଣାପାଣି ଗ୍ରାମରେ ଦନ୍ତାହାତୀ ବ୍ୟାପକ ଫସଲ ନଷ୍ଟ କରିବା ସହ ଆମ୍ବ ଗଛ ଗୁଡିକ ଖାଇ ଦେଇଛନ୍ତି। ହାତୀପଲ ଏକ ସଙ୍ଗେ ଗ୍ରାମକୁ ଯାଇ କ୍ଷତି କରୁଥିବାବେଳେ ଅଞ୍ଚଳବାସୀ ଭୟଭୀତ ହୋଇପଡ଼ିଛନ୍ତି। ହାତୀମାନେ ଘର ଭାଙ୍ଗିବା ସହ ଗ୍ରାମ ରାସ୍ତାରେ ଯାଇ ଗର୍ଜନ କରୁଥିବା ଯୋଗୁ ଅଞ୍ଚଳବାସୀ ବାଣ ଫୁଟାଇବା ସହ ନିଆଁ ହୁଳା ଜାଳି ହାତୀ ଘଉଡାଉଥିଲେ ମଧ୍ୟ ସଫଳ ହୋଇପାରୁନାହାନ୍ତି। ଏତେ ହାତୀକୁ ନେଇ ବନବିଭାଗ ମଧ୍ୟ ନାକେଦମ୍ ହୋଇପଡ଼ିଛି। ବୁଧବାର ହାତୀ ଘଉଡାଉଥିବାବେଳେ ବିଡିସିଙ୍ଗ ଗ୍ରାମରେ ହାତୀ ଗୋଡ଼ାଇବାରୁ ଜଣେ ଗ୍ରାମବାସୀ ଓ ୨ ବନବିଭାଗ କର୍ମଚାରୀ ଖସି ପଡି ଆହତ ହୋଇଛନ୍ତି। ଏ ନେଇ ହଣ୍ଡପା ଫରେଷ୍ଟର ସୁବ୍ରତ କୁମାର ଶତପଥୀ କହିଛନ୍ତି, ହାତୀ ଘଉଡାଇବା ପାଇଁ ବନ ବିଭାଗ ୨୪ ଘଣ୍ଟିଆ କର୍ମଚାରୀ ନିଯୁକ୍ତ କରିଛନ୍ତି। ବାଣ ସହ ନିଆଁ ହୁଳା ଜାଳି ହାତୀ ଘଉଡାଉଛନ୍ତି। ହାତୀ ଗୋଡ଼ାଉଥିବା ଯୋଗୁ ସମସ୍ତେ ଭୟଭୀତ ହୋଇପଡ଼ିଛନ୍ତି।

## ଗ୍ରାମ୍ୟ ଉନ୍ନୟନ ବିଭାଗ ସହକାରୀ ଯନ୍ତ୍ରୀ ଗିରଫ

କଟକ ଅଫିସ, ୧୩।୭

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାରେ ପୁରୀ ଜିଲା ନିମାପଡ଼ା ଗ୍ରାମ୍ୟ ଉନ୍ନୟନ ବିଭାଗର ସହକାରୀ ଯନ୍ତ୍ରୀ ଦୁଷ୍ମନ୍ତ କୁମାର ଦେହୁରୀଙ୍କୁ ଭିଜିଲାନ୍ସ ବୁଧବାର ଗିରଫ କରି ଢେଙ୍କାନାଳ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟକୁ ଚାଲାଣ କରିଥିଲା। ସେଠାରେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ୍ ହାଜତକୁ ପଠାଇ ଦିଆଯାଇଛି। ଏ ନେଇ କଟକ ଭିଜିଲାନ୍ସ ଥାନାରେ ଦେହୁରୀ ଓ ତାଙ୍କ ସ୍ତ୍ରୀଙ୍କ ନାମରେ ଏକ ମାମଲା (ନଂ.୪୦/୨୨) ରୁଜୁ ହୋଇଛି। ସୂଚନା ଅନୁଯାୟୀ, ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ସହକାରୀ ଯନ୍ତ୍ରୀ ଦେହୁରୀଙ୍କ କାର୍ଯ୍ୟାଳୟ ଓ ପୈତୃକ ଘର ସମେତ ୭ଟି ସ୍ଥାନରେ ମଙ୍ଗଳବାର ଚଢ଼ାଉ କରାଯାଇଥିଲା। ଢେଙ୍କାନାଳ ଭିଜିଲାନ୍ସ ସ୍ୱତନ୍ତ୍ର କୋର୍ଟଙ୍କ ସର୍ଚ୍ଚ ୱାରେଣ୍ଟ ବଳରେ ଭିଜିଲାନ୍ସ ବିଭାଗର ୫ ଡିଏସ୍‌ପି, ୧୨ ଇନ୍ସପେକ୍ଟର ଓ ଅନ୍ୟ କର୍ମଚାରୀଙ୍କୁ ନେଇ ଗଠିତ ୭ଟି ଟିମ୍ ଏକକାଳୀନ ଖୋର୍ଦ୍ଧା, ପୁରୀ ଓ ଢେଙ୍କାନାଳ ଜିଲାରେ ଚଢ଼ାଉ କରିଥିଲେ। ଏହି ଚଢାଉ ସମୟରେ ଦେହୁରୀ ଓ ତାଙ୍କ ପରିବାରବର୍ଗଙ୍କ ନାମରେ ୩.୫୪ କୋଟିରୁ ଊର୍ଦ୍ଧ୍ୱ ମୂଲ୍ୟର ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ଠାବ କରାଯାଇଥିଲା।

## ଜମି ଅଧିଗ୍ରହଣକୁ କ୍ଷତିଗ୍ରସ୍ତଙ୍କ ବିରୋଧ

ଛେଣ୍ଡିପଦା,୧୩।୭(ସ୍ୱ.ପ୍ର.)

ଅନୁଗୋଳ ଜିଲା ଛେଣ୍ଡିପଦା ତହସିଲ ଅଧୀନରେ ଉତ୍କଳ ଡି କମ୍ପାନୀର ଜମି ଅଧିଗ୍ରହଣକୁ କ୍ଷତିଗ୍ରସ୍ତ ପ୍ରଜାମାନେ ବିରୋଧ କରିଛନ୍ତି। ଏ ନେଇ କୋଶଳାର ଅଧିଷ୍ଠାତ୍ରୀ ଦେବୀ ମା' ରାମଚଣ୍ଡୀଙ୍କ ମନ୍ଦିର ପରିସରରେ କ୍ଷତିଗ୍ରସ୍ତ ପ୍ରଜାମାନେ ବୈଠକ କରି ନାଲ୍‌କୋର ଜମି ଅଧିଗ୍ରହଣକୁ ବିରୋଧ କରିଥିଲେ। ଉତ୍କଳ ଡି କୋଲ ବ୍ଲକର ୩୦୧.୨୮ ହେକ୍ଟର ଜମିରେ ନାଲ୍‌କୋ ପକ୍ଷରୁ କୋଇଲା ଖଣି ନିମନ୍ତେ ଜମି ଅଧିଗ୍ରହଣ କରାଯାଉଛି। କୋଶଳା ଶିମିଳିସାହି ରାଜସ୍ୱ ଜମି ଅଧିଗ୍ରହଣକୁ ନେଇ କ୍ଷତିଗ୍ରସ୍ତ ପ୍ରଜାମାନେ ବିରୋଧ କରିବା ସହିତ ନାଲକୋ କମ୍ପାନୀର ବିସ୍ଥାପନ ତଥା ଜମି ଅଧିଗ୍ରହଣ ନିୟମକୁ ପ୍ରତ୍ୟାଖ୍ୟାନ କରିଛନ୍ତି। ଏ ନେଇ କ୍ଷତିଗ୍ରସ୍ତ ପ୍ରଜା ସଂଘ ନ୍ୟାୟ ପାଇବା ପାଇଁ ଅଦାଲତର ଆଶ୍ରୟ ନେବ ବୋଲି ନିଷ୍ପତ୍ତି କରିବା ସହ ପ୍ରଶାସନଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ବିଶେଷକରି କମ୍ପାନୀ ଦ୍ୱାରା ଦିଆଯାଉଥିବା ଅନୁକମ୍ପା ରାଶି ୧୪ ଲକ୍ଷ ଟଙ୍କା ଥିବାରୁ କ୍ଷତିଗ୍ରସ୍ତ ପ୍ରଜା ଏହି ସ୍ୱଳ୍ପ ମୂଲ୍ୟକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି। ଆଗାମୀ ଦିନରେ ପ୍ରଶାସନ ଓ କମ୍ପାନୀ କର୍ତ୍ତୃପକ୍ଷ ଉକ୍ତ ସମସ୍ୟାର ସମାଧାନ ନ କଲେ କ୍ଷତିଗ୍ରସ୍ତ ହେବାକୁ ଥିବା ପ୍ରଜାମାନେ ବାଧ ହୋଇ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବେ ବୋଲି ବୈଠକରେ ନିଷ୍ପତ୍ତି ନେଇଥିଲେ।



ବିରୋଧ କରୁଥିବା କ୍ଷତିଗ୍ରସ୍ତ ପ୍ରଜାମାନେ।

## ଯାଞ୍ଚ ବେଳେ ଧରାପଡ଼ିଲା ତ୍ରୁଟି

ପାଲଲହଡ଼ା, ୧୩।୭(ଡି.ଏନ.ଏ)

ପାଲଲହଡ଼ା ଜିଲା ପ୍ରଶାସନ ପକ୍ଷରୁ ବୁଧବାର ବରକଳାପାଳସ୍ଥିତ ଛତୁଆ ଯୋଗାଣକାରୀ ସଂସ୍ଥା ଏବଂ ଖମାରସ୍ଥିତ ବିଦେଶୀ ମଦ ଦୋକାନ ଉପରେ ଚଢ଼ାଉ କରାଯାଇଛି। ଯାଞ୍ଚ ସମୟରେ ଛତୁଆ ଯୋଗାଣକାରୀ ସଂସ୍ଥାର କାଗଜପତ୍ରରେ ବ୍ୟାପକ ତ୍ରୁଟି ଧରାପଡ଼ିଛି। ଛତୁଆ ମାନ ଠିକ୍ ରହୁ ନ ଥିବା ଅଭିଯୋଗ ଆସିବା ପରେ ଉପଜିଲାପାଳ ସୁଶାନ୍ତ କୁମାର ପତି, ତହସିଲଦାର ଲମ୍ବୋଦର ମରାଣ୍ଡି, ଯୋଗାଣ ଅଧିକାରୀ ଏବଂ ସ୍ଥାନୀୟ ପୋଲିସ ମିଳିତ ଭାବେ ଚଢ଼ାଉ କରି ଛତୁଆର ମାନ ଯାଞ୍ଚ କରିଥିଲେ। ଏହି ସମୟରେ କାଗଜପତ୍ରରେ ବ୍ୟାପକ ତ୍ରୁଟିବିଚ୍ୟୁତି ପରିଲକ୍ଷିତ ହୋଇଥିଲା। କାଗଜପତ୍ର ଠିକ୍ ରଖିବା ସହ ଗୁଣାତ୍ମକମାନର ଛତୁଆ ଯୋଗାଣ କରିବାକୁ ଉପଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଖମାରରେ ଥିବା ବିଦେଶୀ ମଦ ଦୋକାନରେ ଷ୍ଟକ୍ ଠିକ୍ ନ ଥିବା ଜଣାପଡ଼ିଛି। ଏପରି କି ଏକ୍ସପାଏରି ବିଦେଶୀ ମଦ ମହଜୁଦ୍ ଥିବା ଦେଖିବାକୁ ମିଳିଥିଲା। ମଦ ଦୋକାନର ଠିକ୍ ପରିଚାଳନା କରିବା ଲାଗି ଉପଜିଲାପାଳ ଏହାର ମାଲିକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଚଢ଼ାଉ ସମୟରେ ଅବକାରୀ କର୍ମଚାରୀ ଉପସ୍ଥିତ ଥିଲେ।



ପାଲଲହଡ଼ା ପ୍ରଶାସନ ପକ୍ଷରୁ ମଦ ଦୋକାନରେ ଯାଞ୍ଚ କରାଯାଉଛି।

## ଅନୁଗୋଳ ପୋଲିସରେ ଅଦଳବଦଳ

ଅନୁଗୋଳ ଅଫିସ, ୧୩।୭

ଅନୁଗୋଳ ଜିଲା ପୋଲିସ ଏସ୍‌ଆଇ ଓ ଏଏସ୍‌ଆଇ ସ୍ତରରେ ବୁଧବାର ଅଦଳବଦଳ ହୋଇଛି। ଜିଲା ପୋଲିସ ମୁଖ୍ୟାଳୟ ପକ୍ଷରୁ ୭ ଜଣ ଏସ୍‌ଆଇ ଓ ୯ ଏଏସ୍‌ଆଇଙ୍କ ବଦଳି କରାଯାଇଛି। ଏସ୍‌ଆଇ ଚଞ୍ଚଳା ନାଏକଙ୍କର ହଣ୍ଡପା ଥାନାରୁ ଆଠମଲ୍ଲିକ ଥାନାକୁ ବଦଳି ହୋଇଥିବାବେଳେ ପୁଲିନ କୁମାର ପ୍ରଧାନଙ୍କ ଖମାର ଥାନାରୁ ଜରପଡା, ସଙ୍କୁନ୍ତଳା ଦେହୁରୀଙ୍କ ଜରପଡା ଥାନାରୁ ବଁଅରପାଳ, ରୀତାରାଣୀ ପ୍ରଧାନଙ୍କ ବଁଅରପାଳ ଥାନାରୁ ତାଳଚେର ଥାନା, ଦିଲୀପ କୁମାର ସାହୁଙ୍କ ଅନୁଗୋଳ ଥାନା ତଦନ୍ତକାରୀ ବିଭାଗରୁ ଠାକୁରଗଡ ଥାନା, ପ୍ରଭାକର ମଲ୍ଲିକଙ୍କର ଅନୁଗୋଳ ଥାନା ତଦନ୍ତକାରୀ ବିଭାଗରୁ ହଣ୍ଡପା ଥାନା, ରବୀନ୍ଦ୍ର କୁମାର ସାହୁଙ୍କ ମହୀଧରପୁର ବିଟ ହାଉସରୁ ବଁଅରପାଳ ଥାନାକୁ ବଦଳି ହୋଇଛି। ସେହିଭଳି ଏଏସ୍‌ଆଇ ମିଥୁନ ମଲ୍ଲିକଙ୍କର ଠାକୁରଗଡ ଥାନାରୁ ଆଠମଲ୍ଲିକ ଥାନା, ତ୍ରିନାଥ ବିଶ୍ୱାଳଙ୍କର ବଁଅରପାଳ କୋର୍ଟରୁ ତାଳଚେର ଥାନା, ବୁଦ୍ଧିମାନ ସେଠୀଙ୍କର ତାଳଚେର କୋର୍ଟରୁ ତାଳଚେର ଥାନା, ଲକ୍ଷ୍ମଣ ମାଝିଙ୍କର ଏନ୍‌ଟିପିସି ଥାନାରୁ ତାଳଚେର ଥାନା, ସରୋଜିନୀ ବାଘଙ୍କର ଅନୁଗୋଳ ଏସ୍‌ଡିପିଓ କାର୍ଯ୍ୟାଳୟରୁ ଜରପଡା ଥାନା, ନରେଶ ଚନ୍ଦ୍ର ସିଂହଙ୍କର ଏନ୍‌ଟିପିସିରୁ ସମଲ ଥାନା, ପାତ୍ର ଓରାଙ୍କର ନିଶା ଥାନାରୁ ପୁରୁଣାକୋଟ ଥାନା, କାର୍ତ୍ତିକ ଚନ୍ଦ୍ର ବାରିକଙ୍କର ବଁଅରପାଳ ଥାନାରୁ ମହୀଧରପୁର ବିଟ୍ ହାଉସ ଓ କ୍ରିତି ରଞ୍ଜନ ସାହୁଙ୍କ ମହୀଧରପୁର ବିଟ୍ ହାଉସରୁ ବଁଅରପାଳ ଥାନାକୁ ବଦଳି ହୋଇଛି।

## ପରିବେଶ ବିଷୟରେ ସଚେତନ ହେଲେ ଛାତ୍ରୀ



ଭୁବନ, ୧୩।୭(ଡି.ଏନ୍.ଏ.)

ଢେଙ୍କାନାଳ ଜିଲା ଭୁବନ ମହିଳା ଡିଗ୍ରୀ କଲେଜ ପରିସରରେ ମଙ୍ଗଳବାର ବନ ମହୋତ୍ସବ ପାଳିତ ହୋଇଯାଇଛି। ଶିକ୍ଷାନୁଷ୍ଠାନ ଅଧ୍ୟକ୍ଷ ଦିଲୀପ କୁମାର ଦାସ, ମହିଳା ଉଚ୍ଚ ମାଧ୍ୟମିକ କଲେଜ ଅଧ୍ୟକ୍ଷ ସୁରେନ୍ଦ୍ର କୁମାର ପୋଥାଳ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିବା ସହିତ ଛାତ୍ରୀଙ୍କୁ ଚାରାରୋପଣ ଏବଂ ପରିବେଶ ଉପରେ ଏହାର ସୁପ୍ରଭାବ ସମ୍ପର୍କରେ ସଚେତନ କରାଇଥିଲେ। ବ୍ୟକ୍ତିଗତସ୍ତରରେ ଚାରା ଲଗାଇ ଏହାର ଯତ୍ନ ନେବାକୁ ପରାମର୍ଶ ଦେଇଥିଲେ। ମୋ କଲେଜ ସଂଯୋଜକ ଅଧାପକ ନିରଞ୍ଜନ ନାୟକଙ୍କ ତତ୍ତ୍ୱାବଧାନରେ ଅଧାପିକା ପ୍ରମିଳା କୁମାରୀ ଦାସ, ନମିତା ଦ୍ୱିବେଦି, ନମିତା ଦାସ, ଅଧାପକ ପ୍ରଶାନ୍ତ ରାଉତରାୟ, ଶୁଭମ୍ ବେହେରା, ଏନ୍‌ସିସି, ଏନ୍‌ଏସ୍‌ଏସ୍, ଜୁନିୟର ରେଡ୍‌କ୍ରସ୍‌ର ସ୍ୱେଚ୍ଛାସେବୀଙ୍କ ସମେତ ସମସ୍ତ ଅଧାପିକା ଅଧାପକ ଓ କର୍ମଚାରୀ ବନୀକରଣ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଏହି ଅବସରରେ କ୍ୟାମ୍ପସରେ ଅଶୋକ, ପଣସ, ଛୁରିଆନା ଆଦି ପ୍ରଜାତିର ଚାରା ଲଗାଯାଇଥିଲା। ବରିଷ୍ଠ ଲାଇବ୍ରେରିଆନ କୈଳାସ ଚନ୍ଦ୍ର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ୫୯ ୟୁନିଟ୍ ରକ୍ତ ସଂଗ୍ରହ

ବଇଣ୍ଡା,୧୩।୭(ଡି.ଏନ.ଏ.)

କିଶୋରନଗର ବ୍ଲକ ହଣ୍ଡପା ପଞ୍ଚାୟତ ପରିସରରେ ବୁଧବାର ଏକ ରକ୍ତଦାନ ଶିବିର ପଞ୍ଚାୟତ ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆଖପାଖ ଅଞ୍ଚଳରୁ ଯୁବତୀ ଯୁବକମାନେ ଯୋଗଦେଇଥିବାବେଳେ ୫୯ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ସମ୍ବଲପୁର ଏମ୍‌ପିଙ୍କ ଆଠମଲ୍ଲିକ ବ୍ଲକ ପ୍ରତିନିଧି ପରେଶ ଦେଓ ଯୋଗଦେଇ ରକ୍ତଦାନ ଶିବିରକୁ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ସରପଞ୍ଚ ରଶ୍ମିତା ପ୍ରଧାନ, ସମିତିସଭ୍ୟ ଆନୁକୂଲ୍ୟ ବେହେରା, ଅଜୟ କୁମାର ପ୍ରଧାନ, ବିଶ୍ୱରଞ୍ଜନ ପ୍ରଧାନ, ମୋହନ ଚରଣ ସାହୁ, ବିଶିକେଶନ ବିଶ୍ୱାଳ, ବାପୁଜୀ ପ୍ରଧାନ, କୃପାସାଗର ଅମାନ୍ତ, ମହେଶ୍ୱର ଛତ୍ରିଆ ଯୋଗଦେଇଥିଲେ। ଏଥିରେ ଅନୁଗୋଳ ବ୍ଲଡ଼ ବ୍ୟାଙ୍କର କର୍ମଚାରୀମାନେ ସହଯୋଗ କରିଥିଲେ।



ଶିବିରରେ ରକ୍ତ ସଂଗ୍ରହ କରାଯାଉଛି।

## ଏନ୍‌ଏଚ୍ ପାର୍ଶ୍ୱରୁ କଟାଯିବ ୬୮ ଶୁଖିଲା ଗଛ

ପାଲଲହଡା,୧୩।୭(ଡି.ଏନ.ଏ)

ପାଲଲହଡ଼ା ଦେଇ ଯାଇଥିବା ୧୪୯ନଂ. ଜାତୀୟ ରାଜପଥ ପାର୍ଶ୍ୱରେ ବିପଦପୂର୍ଣ୍ଣ ଭାବେ ଥିବା ଏକ ଶୁଖିଲା ଗଛ ଭାଙ୍ଗି ଅତୀତରେ ୨ ମହିଳାଙ୍କ ମୃତ୍ୟୁ ଘଟିଥିଲା। ଏହି ଘଟଣାକୁ ସ୍ଥାନୀୟ ପ୍ରଶାସନ ଗମ୍ଭୀରତାର ସହ ନେଇଛି। ରାସ୍ତାକଡ଼ରେ ଏଭଳି ବିପଦପୂର୍ଣ୍ଣ ଅବସ୍ଥାରେ ରହିଥିବା ୬୮ଟି ଶୁଖିଲା ଗଛ କଟାଯିବାକୁ ସ୍ଥିର କରାଯାଇଛି। ବୁଧବାର ସ୍ଥାନୀୟ ଉପଜିଲାପାଳ ସୁଶାନ୍ତ କୁମାର ପତି, ତହସିଲଦାର ଲମ୍ବୋଦର ମାରାଣ୍ଡି, ବନାଞ୍ଚଳ ଅଧିକାରୀ ବିପଦପୂର୍ଣ୍ଣ ଅବସ୍ଥାରେ ଥିବା ଏହି ଗଛଗୁଡ଼ିକୁ ଚିହ୍ନଟ କରିଛନ୍ତି। ଏହାକୁ ତୁରନ୍ତ କାଟିବାକୁ ଉପଜିଲାପାଳ ସ୍ଥାନୀୟ ବନାଞ୍ଚଳ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।



ଉପଖଣ୍ଡ ପ୍ରଶାସନିକ ଅଧିକାରୀମାନେ ଶୁଖିଲା ଗଛ ଚିହ୍ନଟ କରୁଛନ୍ତି।

## ଗୁରୁଶିଷ୍ୟ ସମ୍ପର୍କ ନିବିଡ଼ ହେଉ

ବଇଣ୍ଡା,୧୩।୭(ଡି.ଏନ.ଏ)

ସବୁକ୍ଷେତ୍ରରେ ଗୁରୁଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ତେଣୁ ସବୁବେଳେ ଗୁରୁଶିଷ୍ୟ ସମ୍ପର୍କ ନିବିଡ ରହୁ ବୋଲି ବୁଧବାର କିଶୋରନଗର ବ୍ଲକ ବଇଣ୍ଡା ଶିଶୁ ମନ୍ଦିରରେ ଅନୁଷ୍ଠିତ ଗୁରୁ ପୂର୍ଣ୍ଣିମା ଅବସରରେ ଯୋଗଦେଇଥିବା ଅତିଥିମାନେ ମତ ପ୍ରକାଶ କରିଛନ୍ତି। ଗୁରୁମା ପ୍ରୀତିରାଣୀ ବୋଷଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଦିବସରେ ମୁଖ୍ୟଅତିଥି ଭାବେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ସଦସ୍ୟ ଅସିତ କୁମାର ସାହୁ ଯୋଗ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ବିନିତା ପ୍ରଧାନ, ବୁଲୁ ପ୍ରସାଦ ସାହୁ, ପ୍ରମୋଦିନୀ ପ୍ରଧାନ, ରମାକାନ୍ତ ସାହୁ, ଗୋଲାପ ସ୍ୱାଇଁ, ମମତା ବିଶ୍ୱାଳ, ଅନ୍ନପୂର୍ଣ୍ଣା ରାଉତ, ବାପୁଜୀ ଦେହୁରି ପ୍ରମୁଖ ଯୋଗଦେଇ ଗୁରୁପୂର୍ଣ୍ଣିମା ସମ୍ପର୍କରେ ଆଲୋକପାତ କରିଥିଲେ।



ଗୁରୁ ପୂର୍ଣ୍ଣିମା ଅବସରରେ ଉପସ୍ଥିତ ଗୁରୁମା ଓ ଛାତ୍ରଛାତ୍ରୀମାନେ।

## କଠିନ ପରିଶ୍ରମ ଶୀର୍ଷରେ ପହଞ୍ଚାଇବ

ବଇଣ୍ଡା,୧୩।୭(ଡି.ଏନ.ଏ)

ଶିକ୍ଷାର ବିକାଶ ପାଇଁ ସରକାର ଅନେକ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ସେଗୁଡିକ କିଭଳି ଛାତ୍ରୀଛାତ୍ରଙ୍କ ନିକଟରେ ପହଞ୍ଚିବ ସେଥିପ୍ରତି ସରକାରୀସ୍ତରରେ ନିର୍ଦ୍ଦେଶନାମା ରହିଛି। ବିଦ୍ୟାଳୟ ଏକ ମଣିଷ ତିଆରି କାରଖାନା। ଏହି ବିଦ୍ୟାଳୟରୁ ପାଠପଢି ବହୁ ଛାତ୍ରୀଛାତ୍ର ସେମାନଙ୍କ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରୁଛନ୍ତି। ତେଣୁ ପ୍ରାଥମିକସ୍ତରରେ ଛାତ୍ରୀଛାତ୍ରମାନେ କଠିନ ପରିଶ୍ରମ କରିଲେ ସଫଳତର ଶୀର୍ଷରେ ପହଞ୍ଚି ପାରିବ ବୋଲି ବୁଧବାର କିଶୋରନଗର ବ୍ଲକ ଅଙ୍ଗପଡା ପଞ୍ଚାୟତ ରାଜ ଉଚ୍ଚପ୍ରାଥମିକ ବିଦ୍ୟାଳୟର ୫୯ ତମ ପ୍ରତିଷ୍ଠା ଦିବସ ଅବସରରେ ଯୋଗଦେଇଥିବା ଅତିଥିମାନେ ମତ ପ୍ରକାଶ କରିଛନ୍ତି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତ୍ରୈଲୋକ୍ୟ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରତିଷ୍ଠା ଦିବସରେ ମୁଖ୍ୟଅତିଥି ଭାବେ ଅଙ୍ଗପଡା ସରପଞ୍ଚ ଜିତେନ୍ଦ୍ର ସାହୁ, ମୁଖ୍ୟବକ୍ତା ଭାବେ ଅଙ୍ଗପଡା ଆଞ୍ଚଳିକ ମହାବିଦ୍ୟାଳୟର ଅଧ୍ୟକ୍ଷ ବଳରାମ ପ୍ରଧାନ, ସମିତିସଭ୍ୟା ଶୈଳବାଳା ପ୍ରଧାନ, ପୂର୍ବତନ ପ୍ରଧାନ ଶିକ୍ଷକ ଶରତ ରାଉଳ ପ୍ରମୁଖ ମଞ୍ଚାସୀନ ଅତିଥି ଭାବେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଶିକ୍ଷକ ନିରଞ୍ଜନ ସାହୁ ପରିଚାଳନା କରିଥିବାବେଳେ ସୁରେଶ ଚନ୍ଦ୍ର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଏଥିସହ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶେଷରେ ମୁଖ୍ୟଅତିଥି ମେଧାବୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବଣ୍ଟନ କରିଥିଲେ।



ଜଣେ କୃତୀ ଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

## ସଂକ୍ଷେପରେ

### ଡିସେମ୍ବରରେ ରାଜ୍ୟସ୍ତରୀୟ ତୀରନ୍ଦାଜୀ ପ୍ରତିଯୋଗିତା

**ଢେଙ୍କାନାଳ ଅଫିସ, ୧୩।୭:** ଢେଙ୍କାନାଳରେ ହେବ ରାଜ୍ୟସ୍ତରୀୟ ତୀରନ୍ଦାଜୀ ପ୍ରତିଯୋଗିତା। ଏଥିଲାଗି ରାଜ୍ୟ ତୀରନ୍ଦାଜୀ ସଂଘ ପକ୍ଷରୁ ସବୁଜ ସଙ୍କେତ ଦିଆଯାଇଛି। ଆସନ୍ତା ଡିସେମ୍ବରରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିଲାଗି ପ୍ରସ୍ତୁତ ରହିବାକୁ ଜିଲା ତୀରନ୍ଦାଜୀ ସଂଘକୁ କୁହାଯାଇଛି। ଅଲିମ୍ପିକ୍ସରେ ଏକ ପ୍ରମୁଖ କ୍ରୀଡ଼ା ହେଉଛି ତୀରନ୍ଦାଜୀ। ଏହି ପ୍ରତିଯୋଗିତାରେ ସ୍ଥାନ ପାଇବା ଗୌରବର ବିଷୟ ବୋଲି ବିବେଚନା କରାଯାଏ। ରାଜ୍ୟରେ ଏଭଳି କ୍ରୀଡ଼ାରେ ଦକ୍ଷ ପ୍ରତିଭା ରହିଛନ୍ତି। ସେମାନଙ୍କୁ ଚିହ୍ନଟ କରିବା ଲାଗି ଏହି ପ୍ରତିଯୋଗିତାର ଆୟୋଜନ କରାଯାଉଛି। ଏ ନେଇ ଜିଲା ତୀରନ୍ଦାଜୀ ସଂଘର ସମସ୍ତ କାର୍ଯ୍ୟକର୍ତ୍ତା ଓ ସଦସ୍ୟଙ୍କୁ ନେଇ ହୋଟେଲ୍ ଆର୍.କେ. ରେଜେନ୍ସିରେ ଆସନ୍ତା ୧୭ ତାରିଖ (ରବିବାର) ଅପରାହ୍ନ ୪ଟାରେ ବୈଠକ ଅନୁଷ୍ଠିତ ହେବ। ଏଥିରେ ସାମିଲ ହୋଇ ଆଲୋଚନାରେ ଅଂଶଗ୍ରହଣ କରିବାକୁ ସଂଘ ସମ୍ପାଦକ ଅମିୟ କୁମାର ଚାନ୍ଦ ଏକ ପ୍ରେସ୍ ବିଜ୍ଞପ୍ତି ମାଧମରେ ନିବେଦନ କରିଛନ୍ତି।

### ସାଇ ମନ୍ଦିରରେ ଗୁରୁପୂର୍ଣ୍ଣିମା



**କାମାକ୍ଷାନଗର, ୧୩।୭(ଡି.ଏନ୍.ଏ.):** ଢେଙ୍କାନାଳ ଜିଲା କାମାକ୍ଷାନଗରସ୍ଥିତ ଶିରଡ଼ିସାଇ ମନ୍ଦିରରେ ବୁଧବାର ଗୁରୁପୂର୍ଣ୍ଣିମା ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ସାଇବାବାଙ୍କୁ ୧୦୮ ବେଲପତ୍ର, ତୁଳସୀ ପତ୍ରରେ ଅଭିଷେକ କରାଯାଇଥିଲା। ଆୟୋଜିତ ଯଜ୍ଞରେ ଶ୍ରୀକାନ୍ତ ଜୀ, ଶାନ୍ତାବାଳା ଜୀ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ପଣ୍ଡିତ ରସାନନ୍ଦ ପତି ପୂଜାର୍ଚ୍ଚନା କରିଥିଲେ। ସୁରେଶ ଚନ୍ଦ୍ର ପରିଡ଼ା, ରାଘବ ମହାନ୍ତି, ସୁଧାଂଶୁ ବରାଳ, ସଞ୍ଜୀବ ପଣ୍ଡା, ରଞ୍ଜନ ରାଉତ, କେଦାରନାଥ ସାହୁ, ଦୀପୁ ଜେନା, ମାଧବ ମହାନ୍ତି, ସନ୍ଦୀପ ଦାସ ପ୍ରମୁଖ ବହୁ ସାଇ ଅନୁଗାମୀ ଯୋଗଦେଇ ଭଜନକୀର୍ତ୍ତନ କରିଥିଲେ। ସର୍ବଜିତ୍ ଜୀ, ସାଇନା ଜୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ

**ଢେଙ୍କାନାଳ ଅଫିସ, ୧୩।୭** ମହାପ୍ରଭୁଙ୍କ ନୀଳାଦ୍ରି ବିଜେ ଉପଲକ୍ଷେ ଢେଙ୍କାନାଳ ଶ୍ରୀବଳଦେବଜୀଉ ମନ୍ଦିର ଛକଠାରେ ମଙ୍ଗଳବାର ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଜିଲା ଦୌରାଜଜ୍ ଶରତ କୁମାର ଦେହୁରୀ, ଉପଦେଷ୍ଟା ଅମରଜ୍ୟୋତି ସିଂଦେଓ ପ୍ରଦୀପ ପ୍ରଜ୍ୱଳନ କରି ଏହାକୁ ଉଦ୍‌ଘାଟନ କରିଥିଲେ। ଖ୍ୟାତନାମା କଣ୍ଠଶିଳ୍ପୀ ପଙ୍କଜ ଜାଲ୍, ମାନସୀ ପାଣିଗ୍ରାହୀ, ସୀମା ମହାପାତ୍ର, କୁମାର ସାନୁ ପ୍ରମୁଖ ସଙ୍ଗୀତ ପରିବେଷଣ କରିଥିଲେ। ଅନୁଷ୍ଠାନର ସଭାପତି ପ୍ରକାଶ ପତି, ଉପସଭାପତି ରାଜେନ୍ଦ୍ର ମହାନ୍ତି, ସମ୍ପାଦକ ସତ୍ୟରଞ୍ଜନ ଶତପଥୀ, ଯୁଗ୍ମ ସମ୍ପାଦକ ନିରଞ୍ଜନ ସାମଲ, କୋଷାଧ୍ୟକ୍ଷ ଧାନ୍ ବାହାଦୁର ଗୁଡୁମ୍ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟନିର୍ବାହୀ ସଦସ୍ୟ ଆଲୋକ ଚମ୍ପକ ସିଂ, ଆଶିଷ ଜେନା, ପ୍ରଦ୍ୟୁମ୍ନ ପାଢୀ, ଜିତେନ୍ଦ୍ର ରାମ, ପ୍ରୀତିରଞ୍ଜନ ପତି, ଚିତ୍ତରଞ୍ଜନ ସାହୁ, ପ୍ରଶାନ୍ତ ରାଉତ, ଟଙ୍କଧର ବେହେରା, ବିଜୟ ପାତ୍ର, ଦିଲୀପ ଧଳସାମନ୍ତ, ସରୋଜ ମହାନ୍ତି, ସଙ୍କଟ ଭଞ୍ଜନ ବେହେରା, ରମେଶ ଚନ୍ଦ୍ର ପତି, ବିଷ୍ଣୁ ଚରଣ ବେହେରା, ଜ୍ୟୋତି ପ୍ରକାଶ ମିଶ୍ର ପ୍ରମୁଖ ସହଯୋଗ କରିଥିଲେ।

# ଯନ୍ତ୍ରଣା ଦେଉଛି ଜୀବନରେଖା



ଖାଲଖମାରେ ଭର୍ତ୍ତି ହୋଇ ମରଣଯନ୍ତା ପାଲଟିଥିବା ଜାତୀୟ ରାଜପଥ।



ଅଞ୍ଚଳବାସୀ ଜାତୀୟ ରାଜପଥକୁ ଅବରୋଧ କରିଛନ୍ତି।

- ସରୁନି ୫୫ନଂ. ଜାତୀୟ ରାଜପଥ ସମ୍ପ୍ରସାରଣ
- ଏନ୍ଏଚ୍ଏଆଇ ବିରୋଧରେ ତେଜୁଛି ଅସନ୍ତୋଷ
- ରାସ୍ତାକୁ ଓହ୍ଲାଇଲେ ୧ନଂ. ୱାର୍ଡବାସୀ, ବୁଦ୍ଧିଜୀବୀ

**ଢେଙ୍କାନାଳ ଅଫିସ, ୧୩।୭**

ଜାତୀୟ ରାଜପଥ (ଏନ୍ଏଚ୍)ରେ ଯାତାୟାତ ସୁଗମ ହେଲେ ସୁଦୃଢ଼ ହେବ ଅର୍ଥନୀତି। ବଦଳିବ ଶିଳ୍ପ ଜିଲାର ଚିତ୍ର। ଆହୁରି ସମୃଦ୍ଧ ହେବ ସାମାଜିକ ଓ ସାଂସ୍କୃତିକ ଜୀବନଶୈଳୀ। ସଡ଼କ ପଥରେ ଶୀଘ୍ର ପଣ୍ୟ ସାମଗ୍ରୀ ପରିବହନ ସମୟ ବଞ୍ଚାଇବ। ଅତି ସହଜରେ ସହର ସହ ଯୋଡ଼ି ହୋଇପାରିବ ଗ୍ରାମାଞ୍ଚଳ। ତ୍ୱରାନ୍ୱିତ ହେବ ବିକାଶମୂଳକ କାର୍ଯ୍ୟ। ଏଭଳି ଉଦ୍ଦେଶ୍ୟ ନେଇ କେନ୍ଦ୍ର ସରକାରଙ୍କ ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷ (ଏନ୍ଏଚ୍ଏଆଇ)ଙ୍କ ପକ୍ଷରୁ ୫୫ନଂ. ଜାତୀୟ ରାଜପଥର ଚାଲିଛି ନବକଳେବର। ହେଲେ ଦୂରଦୃଷ୍ଟି ଅଭାବ, କାର୍ଯ୍ୟାନ୍ୱୟନରେ ବିଳମ୍ବ ଏବଂ ଠିକାସଂସ୍ଥାର ମନମାନି ଯୋଗୁ ଚୂଡ଼ାନ୍ତ ରୂପ ନେଇପାରୁନାହିଁ ବହୁଲକ୍ଷ ଲୋକଙ୍କ ସ୍ୱପ୍ନର ଏହି ପ୍ରକଳ୍ପ। ଜୀବନରେଖା ସାଜିଥିବା ଏହି ସଡ଼କରେ ଯାତାୟାତ ଦିନକୁ ଦିନ ଯନ୍ତ୍ରଣାମୟ ହେବାରେ ଲାଗିଥିବା ବେଳେ ଏନ୍ଏଚ୍ଏଆଇ ବିରୋଧରେ ଅସନ୍ତୋଷ ତୀବ୍ର ହେବାରେ ଲାଗିଛି।

କଟକ-ଢେଙ୍କାନାଳ-ଅନୁଗୋଳ ଜିଲା ଦେଇ ସମ୍ବଲପୁରକୁ ସଂଯୋଗ କରିଥିବା ୫୫ନଂ. ଜାତୀୟ ରାଜପଥର ୪ ଲେନ୍ ସମ୍ପ୍ରସାରଣ କାମ କେବେ ସରିବ। ମରଣଯନ୍ତା ପାଲଟିଥିବା ଏହି ସଡ଼କରେ ସୁରକ୍ଷିତ ଯାତାୟାତ ପାଇଁ ଆହୁରି କେତେକ ସମୟ ଲାଗିବ। ଏଭଳି ଅନେକ ପ୍ରଶ୍ନର ଉତ୍ତର ନା ଅଛି ପ୍ରଶାସନ ପାଖରେ ନା ଅଛି ଏନ୍ଏଚ୍ଏଆଇ କର୍ତ୍ତୃପକ୍ଷଙ୍କ ନିକଟରେ। ୫ବର୍ଷ ହେଲା ସମସ୍ତେ କେବଳ ଦିନଗଡ଼ାଇ ଚାଲିଛନ୍ତି। ଆଶ୍ୱାସନା ଦେଉଛନ୍ତି। ହେଲେ କାମ ବିଳମ୍ବିତ ହୋଇ ଚାଲିଛି। ରାସ୍ତା ଖୋଳି ଛାଡ଼ି ଦିଆଯାଇଥିବାରୁ ବଡ଼ବଡ଼ ଗର୍ତ୍ତରେ ବର୍ଷା ପାଣି ଭର୍ତ୍ତି ହୋଇ ବିପଦକୁ ଆମନ୍ତ୍ରଣ କରୁଛି। ଢେଙ୍କାନାଳଠାରୁ କଣ୍ଟାବଣିଆ ଶିଳ୍ପାଞ୍ଚଳ ପର୍ଯ୍ୟନ୍ତ ଦୀର୍ଘ ୫୦ କିଲୋମିଟର ରାସ୍ତା ଶୋଚନୀୟ ହୋଇପଡ଼ିଛି। ବର୍ଷା ହେଲେ ରାସ୍ତାରେ ଅଣ୍ଟାଏ ଉଚ୍ଚ ପାଣିର ସୁଅ ଛୁଟୁଛି। ଦୈନିକ ଛୋଟବଡ଼ ଦୁର୍ଘଟଣା ଘଟି ଧନଜୀବନ ହାନି ହେଉଛି। ଏହାକୁ ନେଇ ବର୍ଷତମାମ ଆଇନଶୃଙ୍ଖଳା ପରିସ୍ଥିତି ଉପୁଜୁଛି। ବାରମ୍ବାର ଆନ୍ଦୋଳନ, ପ୍ରତିବାଦ ସତ୍ତ୍ୱେ ଏହାର ସମାଧାନ ଦିଗରେ ନା ରାଜ୍ୟ ସରକାର ନା କେନ୍ଦ୍ର ସରକାର, କେହି ଆନ୍ତରିକତା ଦେଖାଉ ନାହାନ୍ତି। ଅଧାରୁ ଠିକାସଂସ୍ଥା କାମ ଛାଡ଼ି ପଳାଇବା ପରେ ସମସ୍ୟା ବଢ଼ିଯାଇଛି। ଦୀର୍ଘ ୨ବର୍ଷ ହେଲା କାର୍ଯ୍ୟ ଅଗ୍ରଗତି ହେଉନାହିଁ। ଏହାର ପ୍ରତିବାଦରେ ବୁଧବାର ପୂର୍ବାହ୍ନ ୮ଟାରେ ୧ନଂ. ୱାର୍ଡବାସୀ, ବୁଦ୍ଧିଜୀବୀଙ୍କ ସମେତ ବିଭିନ୍ନ ସଙ୍ଗଠନ ପକ୍ଷରୁ କଲେଜ ବାଇପାସ୍‌ଠାରେ ୩ଘଣ୍ଟା ଧରି ଏନ୍ଏଚ୍ ଅବରୋଧ କରାଯାଇଥିଲା।

ଅଞ୍ଚଳବାସୀଙ୍କ ଅଭିଯୋଗ ଅନୁଯାୟୀ, ୫୫ନଂ. ଜାତୀୟ ରାଜପଥ କାମ ବନ୍ଦ ହୋଇପଡ଼ିଥିବାରୁ ଢେଙ୍କାନାଳ କଲେଜ ବାଇପାସ୍‌ଠାରୁ ପ୍ରାୟ ୧ କିଲୋମିଟର ରାସ୍ତା ମରଣଯନ୍ତା ପାଲଟିଛି। ଦୁର୍ଘଟଣା ବଢ଼ିବାରେ ଲାଗିଛି। କଦର୍ଯ୍ୟ ହୋଇପଡ଼ିଥିବା ଉକ୍ତ ରାସ୍ତାର ତୁରନ୍ତ ମରାମତି କରାଯାଉ ବୋଲି ସେମାନେ ଦାବି କରିଛନ୍ତି। ପୂର୍ବତନ ନଗରପାଳ ସୁରେନ୍ଦ୍ର ମିଶ୍ର, ଯୋଗୀନାଥ ମହାନ୍ତି, କାଉନ୍‌ସିଲର ବଳରାମ ମଲ୍ଲିକ, ପୂର୍ବତନ ମନ୍ତ୍ରୀ ନବୀନଚନ୍ଦ୍ର ନାରାୟଣ ଦାସ, ସାମାଜିକ କର୍ମୀ ପରେଶ ମିଶ୍ର, ସରୋଜ ଶତପଥୀ, ଅନିଲ ମହାପାତ୍ର, ରବିନାରାୟଣ ମହାନ୍ତି, ଆଇନଜୀବୀ ମନୋରଞ୍ଜନ ପଟ୍ଟନାୟକ, ସୌଭାଗ୍ୟ ନାରାୟଣ ଷଡ଼ଙ୍ଗୀ ପ୍ରମୁଖ ଶତାଧିକ ସ୍ଥାନୀୟ ବାସିନ୍ଦା ଆନ୍ଦୋଳନରେ ସାମିଲ ହୋଇଥିଲେ। ଦୀର୍ଘ ଦେଢ଼ ଘଣ୍ଟା ବିଳମ୍ବରେ ସଦର ଏସ୍‌ଡିପିଓ ବିକାଶ ବେଉରା, ଟାଉନ ଥାନାଧିକାରୀ ରାଜେନ୍ଦ୍ର ମହାପାତ୍ର, ଠିକାସଂସ୍ଥା କର୍ମଚାରୀ ମଳୟ ମହାନ୍ତି ପ୍ରମୁଖ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ରାସ୍ତା ମରାମତି ଆରମ୍ଭ ହେବା ପରେ ପୂର୍ବାହ୍ନ ୧୧ଟା ୧୫ରେ ଅବରୋଧ ହଟିଥିଲା।

#### ଆଗକୁ ତୀବ୍ର ଆନ୍ଦୋଳନ



"ସଡ଼କ ନିର୍ମାଣ ଦାୟିତ୍ୱରେ ଥିବା ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷ ଏବଂ ଜିଲା ପ୍ରଶାସନ ସମସ୍ୟାର ସମାଧାନ ପ୍ରତି ଯତ୍ନବାନ ହେବା ଉଚିତ। ୫୫ନଂ. ଜାତୀୟ ରାଜପଥ କାମ ନ ସରିଲେ ଆଗାମୀ ଦିନରେ ତୀବ୍ର ଆନ୍ଦୋଳନ ହେବ। ଏମ୍‌ପି ଭାବରେ ଏହାକୁ ମୋର ନୈତିକ ସମର୍ଥନ ରହିବ।

-ମହେଶ ସାହୁ, ଏମ୍‌ପି

#### ବିଳମ୍ବ ହେବା ଦୁର୍ଭାଗ୍ୟଜନକ



"୫୫ନଂ. ଏନ୍ଏଚ୍ ସମ୍ପ୍ରସାରଣ ପାଇଁ ରାଜ୍ୟ ସରକାର ସମସ୍ତ ସହଯୋଗ କରୁଛନ୍ତି। ନିୟମିତ ସମୀକ୍ଷା ମଧ କରାଯାଉଛି। ତଥାପି ଏନ୍ଏଚ୍ଏଆଇ ପକ୍ଷରୁ ନିର୍ଦ୍ଧାରିତ ସମୟରେ କାମ ନ ସରିବା ଏବଂ ଅହେତୁକ ବିଳମ୍ବ ହେବା ଦୁର୍ଭାଗ୍ୟଜନକ। କଳା ତାଲିକାଭୁକ୍ତ ଠିକାସଂସ୍ଥାକୁ କାମ ଦିଆଯାଉଥିବାରୁ ଏଭଳି ସମସ୍ୟା ଉପୁଜିଛି।

-ସୁଧୀର କୁମାର ସାମଲ, ବିଧାୟକ

#### ସରକାର ଯେମିତି, ଅଧିକାରୀ ବି ସେମିତି



"ଢେଙ୍କାନାଳରେ ୫୫ନଂ. ଜାତୀୟ ରାଜପଥ ପ୍ରଶସ୍ତୀକରଣ କାମ ଯେମିତି ହେଉଛି, କୌଣସି ସ୍ଥାନରେ ଏମିତି କାର୍ଯ୍ୟ ହେଉ ନ ଥିବ। ଏଠାରେ ସରକାର ଯେମିତି, ଅଧିକାରୀ ବି ସେମିତି। ଏ ଦିଗରେ ଜନପ୍ରତିନିଧିଙ୍କ ଦାୟିତ୍ୱ ଥିବା ଦୃଷ୍ଟିଗୋଚର ହେଉନାହିଁ, ଯାହାକୁ ନେଇ ଜନଆନ୍ଦୋଳନ ତେଜିବାରେ ଲାଗିଛି।

-ନବୀନଚନ୍ଦ୍ର ନାରାୟଣ ଦାସ, ପୂର୍ବତନ ମନ୍ତ୍ରୀ

#### ଧନଜୀବନ ସୁରକ୍ଷା ସରକାରଙ୍କ ଦାୟିତ୍ୱ



"ଜନମଙ୍ଗଳ ରାଷ୍ଟ୍ରରେ ଜନସାଧାରଣଙ୍କ ଧନଜୀବନ ସୁରକ୍ଷା ଦାୟିତ୍ୱ ସରକାରଙ୍କର। ୫ବର୍ଷ ହେଲା ରାଜପଥ ଉନ୍ନତୀକରଣ କାମ ସରୁନାହିଁ। ଅଧାପନ୍ତରିଆ କାମ ଯୋଗୁ ରାସ୍ତା ବିପଦସଙ୍କୁଳ ହୋଇପଡ଼ିଛି। ପ୍ରତିଦିନ ଦୁର୍ଘଟଣା ଘଟୁଛି। ବାରମ୍ବାର ଅଭିଯୋଗ ପରେ ମଧ କୌଣସି ପଦକ୍ଷେପ ନିଆଯାଉନି।

-ସୁରେନ୍ଦ୍ର ମିଶ୍ର, ପୂର୍ବତନ ନଗରପାଳ

#### ଅଯୋଗ୍ୟ ଠିକାସଂସ୍ଥାକୁ ଦାୟିତ୍ୱ ଦିଆଯାଇଛି



"୫୫ନଂ. ଜାତୀୟ ରାଜପଥ ମରଣଯନ୍ତା ପାଲଟିଛି। କାରଣ ଜାତୀୟ ରାଜପଥ ପ୍ରାଧିକରଣ ଅଯୋଗ୍ୟ ଠିକାସଂସ୍ଥାକୁ ଏହାର ଦାୟିତ୍ୱ ଦେଇଛି। ରାଜ୍ୟ ସରକାରଙ୍କ ପକ୍ଷରୁ ମଧ କୌଣସି ତତ୍ପରତା ପ୍ରକାଶ ପାଉନାହିଁ। ରାଜପଥର ଉନ୍ନତୀକରଣ କାର୍ଯ୍ୟ ଯଥାଶୀଘ୍ର ସମ୍ପୂର୍ଣ୍ଣ ନ ହେଲେ ସହରବାସୀ ରାସ୍ତାକୁ ଓହ୍ଲାଇବେ।

-ରାମଚନ୍ଦ୍ର ପାତ୍ର, ରାଜ୍ୟ ଭାଜପା କୃଷକ ମୋର୍ଚ୍ଚା ଉପସଭାପତି

# 'ସଂକ୍ରମଣ ବଢୁଛି, ସତର୍କ ରୁହ'

**ଢେଙ୍କାନାଳ ଅଫିସ, ୧୩।୭**




ବୈଠକରେ ଜିଲାପାଳଙ୍କ ସମେତ ଜିଲା ପ୍ରଶାସନ, ସ୍ୱାସ୍ଥ୍ୟ ବିଭାଗର ପଦସ୍ଥ ଅଧିକାରୀମାନେ।

- ଟେଷ୍ଟିଂ, ଟିକାକରଣକୁ ଗୁରୁତ୍ୱ
- ଜନଗହଳି ଏଡ଼ାଇବାକୁ ପରାମର୍ଶ

ଢେଙ୍କାନାଳ ଜିଲା କାର୍ଯ୍ୟାଳୟ ଓସ୍‌ୱାନ୍ ଭିଡିଓ କନ୍‌ଫରେନ୍ସ ହଲ୍‌ରେ ମଙ୍ଗଳବାର ଅପରାହ୍ନରେ କୋଭିଡ୍ ପରିଚାଳନା ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସରୋଜ କୁମାର ସେଠୀ ଅଧ୍ୟକ୍ଷତା କରି କରୋନା ସଂକ୍ରମଣ ବଢୁଥିବାରୁ ସତର୍କ ରହିବାକୁ ପରାମର୍ଶ ଦେଇଛନ୍ତି।

ବୃଦ୍ଧି ପାଉଥିବା କରୋନା ସଂକ୍ରମଣ ୪ର୍ଥ ଲହର ଆଣିପାରେ। ତେଣୁ ଜୀବନଜୀବିକା ସୁରକ୍ଷିତ ରଖିବା ସହ ସଂକ୍ରମଣ ଏଡ଼ାଇବାକୁ ଆଗୁଆ ସତର୍କତାମୂଳକ ପଦକ୍ଷେପ ନିଆଯିବା ଜରୁରୀ। ଶିକ୍ଷାନୁଷ୍ଠାନରେ ଛାତ୍ରୀଛାତ୍ରମାନେ ସଂକ୍ରମିତ ହେବା ଆଶଙ୍କା ଥିବାରୁ ମାସ୍କ ପରିଧାନ କରିବାକୁ ପଡ଼ିବ। ଟେଷ୍ଟିଂ ବୃଦ୍ଧି, ଟିକାକରଣ ବ୍ୟାପକ କରିବାକୁ ଜିଲାପାଳ ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଅଙ୍ଗନୱାଡି କେନ୍ଦ୍ରକୁ ଆସୁଥିବା ଶିଶୁଙ୍କ ସ୍ୱାସ୍ଥ୍ୟପ୍ରତି ଯତ୍ନଶୀଳ ହେବାକୁ ଅଙ୍ଗନୱାଡି କର୍ମୀ, ହେଲ୍‌ପର, ସୁପରଭାଇଜର, ସମନ୍ୱିତ ଶିଶୁ ବିକାଶ ଅଧିକାରୀ, ବିଡିଓଙ୍କୁ ପରାମର୍ଶ ଦିଆଯାଇଛି। ପ୍ରଶାସନିକ ଅଧିକାରୀ, ପଞ୍ଚାୟତ ପ୍ରତିନିଧିଙ୍କୁ ବିଦ୍ୟାଳୟ ପରିଦର୍ଶନ କରି ବିଭିନ୍ନ କାର୍ଯ୍ୟ ତଦାରଖ କରିବାକୁ କୁହାଯାଇଛି। ବ୍ୟବସ୍ଥିତ ଶିକ୍ଷାଦାନ ଲାଗି ବିହିତ ପଦକ୍ଷେପ ନେବାକୁ ଶିକ୍ଷାଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଜିଲାରେ କୋଭିଡ୍ ସଂକ୍ରମଣ ବଢ଼ିଲେ ସ୍ୱତନ୍ତ୍ର ଫିଭର କ୍ଲିନିକ ଖୋଲାଯିବ। ସେଠାରେ ରାପିଡ ଆକ୍ସନ ଟିମ୍‌କୁ ପ୍ରସ୍ତୁତ ରଖାଯିବ। କୋଭିଡ୍ ଲକ୍ଷଣଯୁକ୍ତ ପିଲାମାନଙ୍କୁ ସ୍କୁଲ ନ ଆସିବାକୁ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଅଶୋକ କୁମାର ଦାଶ ପରାମର୍ଶ ଦେଇଛନ୍ତି। ବୈଠକରେ ଅତିରିକ୍ତ ଜିଲାପାଳ (ରାଜସ୍ୱ) ଉଦୟ କୁମାର ମହାପାତ୍ର, ଅତିରିକ୍ତ ଜିଲାପାଳ (ସାଧାରଣ) ରମେଶ ଚନ୍ଦ୍ର ସେଠୀ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ସାଫଲ୍ୟ ମଣ୍ଡିତ ପ୍ରଧାନ, ଢେଙ୍କାନାଳ ଉପଜିଲାପାଳ ସ୍ନିଗ୍ଧାରାଣୀ ଧଳ, ହିନ୍ଦୋଳ ଉପଜିଲାପାଳ ଶିବାନନ୍ଦ ସ୍ୱାଇଁ, ଜିଲା ଶିକ୍ଷା ଅଧିକାରୀ ନିବେଦିତା ପାଣି, ସମାଜ ମଙ୍ଗଳ ଅଧିକାରୀ ସୌଦାମିନୀ ସାହୁ, ସାମାଜିକ ଅଧିକାରୀ ଶୁଭେନ୍ଦୁ କୁମାର ଖୁଣ୍ଟିଆ, ଆପତ୍‌କାଳୀନ ଅଧିକାରୀ ସ୍ନିଗ୍ଧାଛାୟା ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଗୁରୁପୂଜନ ଉତ୍ସବ

**ଢେଙ୍କାନାଳ ଅଫିସ, ୧୩।୭**

ଢେଙ୍କାନାଳ ସୁନ୍ଦରିଖାଲସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୩୬ତମ ସ୍ୱନକ୍ଷେତ୍ର ଏବଂ ଗୁରୁପୂଜନ ଉତ୍ସବ ବୁଧବାର ପାଳିତ ହୋଇଯାଇଛି। ଆର୍‌ଏସ୍‌ଏସ୍ ଜିଲା ପ୍ରଚାରକ ବାସୁଦେବ ସାହୁ, କାର୍ଯ୍ୟକର୍ତ୍ତା ପର୍ଶୁରାମ ସାହୁ ଯୋଗଦେଇ ଗୁରୁ-ଶିଷ୍ୟଙ୍କ ମଧ୍ୟରେ ଥିବା ମହାନ ସମ୍ପର୍କର ବ୍ୟାଖ୍ୟା କରିଥିଲେ। ଏହି ଅବସରରେ ବରିଷ୍ଠ ଗୁରୁମା ଉଷାରାଣୀ ଦାସଙ୍କୁ ଅବସର ସମ୍ବର୍ଦ୍ଧନା ଦିଆଯାଇଥିଲା। ଶିକ୍ଷା ବିକାଶ ସମିତିର ଅଶ୍ୱିନୀ କୁମାର ନାୟକ, ସଙ୍କୁଳ ପ୍ରମୁଖ ବିଶ୍ୱନାଥ ବେହେରା, ପରିଚାଳନା ସମିତି ପୂର୍ବତନ ସଭ୍ୟ ମନମୋହନ ତ୍ରିପାଠୀ, ପ୍ରଦୀପ ମିଶ୍ର, ପ୍ରଶାନ୍ତ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଶିକ୍ଷାନୁଷ୍ଠାନ ପରିଚାଳନା ସମିତି ସଭାପତି ବାବୁଚାନ୍ଦ ମହାଲିକଙ୍କ ସଭାପତିତ୍ୱରେ ସମ୍ପାଦକ ଗଗନ ବିହାରୀ ନାୟକ, କୋଷାଧ୍ୟକ୍ଷ ସନ୍ତୋଷ ପରିଡ଼ା, ପ୍ରଧାନ ଆଚାର୍ଯ୍ୟ ନଗେନ୍ଦ୍ର ଦାସ, ସହପ୍ରଧାନ ଆଚାର୍ଯ୍ୟା କନକଲତା ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସମସ୍ତ ଗୁରୁମାଗୁରୁଜୀ, ଛାତ୍ରୀଛାତ୍ର, ସେବିକାସେବକ ସହଯୋଗ କରିଥିଲେ।



ଗୁରୁପୂଜନ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

# ଧୀରପାଟଣାରେ ପ୍ରଥମ ଥର ବାହୁଡ଼ାଯାତ୍ରା

**ଢେଙ୍କାନାଳ ଅଫିସ, ୧୩।୭**

ଢେଙ୍କାନାଳ ସଦର ବ୍ଲକ୍ ଧୀରପାଟଣା ଗ୍ରାମରେ ପ୍ରଥମ ବାହୁଡ଼ାଯାତ୍ରା ହର୍ଷଉଲ୍ଲାସର ସହ ସମ୍ପନ୍ନ ହୋଇଛି। ଯୁବରାଜ ଅମରଜ୍ୟୋତି ସିଂଦେଓ ଜଗନ୍ନାଥ ମନ୍ଦିରର ଆଦ୍ୟ ସେବକ ଭାବେ ଗୁଣ୍ଡିଚା ମଣ୍ଡପରେ ମହାପ୍ରଭୁଙ୍କ ପୂଜାର୍ଚ୍ଚନା କରିଥିଲେ। ସେବାୟତମାନେ ଚତୁର୍ଦ୍ଧା ବିଗ୍ରହଙ୍କୁ ସୁସଜ୍ଜିତ ପୁଷ୍ପ ଟାହିଆ ବିମଣ୍ଡିତ କରି ପହଣ୍ଡିରେ ନେଇ ରଥାରୂଢ଼ କରାଇଥିଲେ। ଠାକୁରଙ୍କ ନିକଟରେ ପୋଡ଼ପିଠା ଭୋଗ ପରେ ଛେରାପହଁରା ନୀତି ସମ୍ପନ୍ନ ହୋଇଥିଲା। ନୃସିଂହଙ୍କୁ ବନ୍ଦନା କରିବା ପରେ ରଥଟଣା ଆରମ୍ଭ ହୋଇଥିଲା। ରଥର ଗୋଟିଏ ପାର୍ଶ୍ୱ ଦଉଡ଼ିକୁ କେବଳ ମହିଳାମାନେ ଟାଣିଥିଲେ। ରାଜପୁରୋଧା ଶଶିଶେଖର ମିଶ୍ର, ଶ୍ରୀଜଗନ୍ନାଥ ଚେତନା ସମିତିର ଜିଲା ସଭାପତି ପ୍ରଦ୍ୟୁମ୍ନ ରଥ, ଉପଦେଷ୍ଟା ଭାବଗ୍ରାହୀ ପଣ୍ଡା, ସଭ୍ୟ ଗୁପ୍ତେଶ୍ୱର ମିଶ୍ର, ଶେଷ ପ୍ରସାଦ ଦାସ, ସମ୍ବିତ୍ ରଥ, ମନୋରଞ୍ଜନ ମିଶ୍ର, ଢେଙ୍କାନାଳ ବିଧାୟକଙ୍କ ପ୍ରତିନିଧି ନରୋତ୍ତମ ସାହୁ ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନଙ୍କୁ ଗ୍ରାମବାସୀଙ୍କ ପକ୍ଷରୁ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଥିଲା। ଅରୁଣ ସାହୁ, ତ୍ରିଲୋଚନ ସାହୁ, ପୂର୍ବତନ ସରପଞ୍ଚ ଗଦାଧର ଜେନା, ଫକୀର ମୋହନ ସାହୁ ପ୍ରମୁଖ ବାହୁଡ଼ାଯାତ୍ରା କାର୍ଯ୍ୟକ୍ରମର ସୁପରିଚାଳନା କରିଥିଲେ। ଅଧରପଣା ନୀତି ପରେ ଚତୁର୍ଦ୍ଧା ବିଗ୍ରହ ରତ୍ନବେଦିକୁ ବିଜେ କରିଛନ୍ତି।



# ପାହାଡ଼ରୁ ଯୁବକଙ୍କ ଗଳିତ ମୃତଦେହ ଜବତ

**ଢେଙ୍କାନାଳ ଅଫିସ, ୧୩।୭**

ଢେଙ୍କାନାଳ ସହର ଶ୍ରୀବଳରାମ ପୀଠ ନିକଟ ଚାରଖୋଲା ପାହାଡ଼ ଉପରେ ଥିବା ଏକ ମନ୍ଦିର ପାଖରୁ ବୁଧବାର ସକାଳେ ଜଣେ ଯୁବକଙ୍କ ଗଳିତ ମୃତଦେହକୁ ଝୁଲନ୍ତା ଅବସ୍ଥାରେ ଠାବ କରାଯାଇଛି। ତାଙ୍କ ପରିଚୟ ମିଳିପାରିନାହିଁ। ୪-୫ ଦିନ ପୂର୍ବରୁ ତାଙ୍କର ମୃତ୍ୟୁ ଘଟିଥିବାବେଳେ ସେ ଆତ୍ମହତ୍ୟା କରିଥିବା ସନ୍ଦେହ କରାଯାଉଛି। ସୂଚନା ପାଇ ଟାଉନ ଥାନା ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ତେବେ କେଉଁ ପରିସ୍ଥିତିରେ ଯୁବକଙ୍କ ମୃତ୍ୟୁ ଘଟିଲା, ଏହା ହତ୍ୟା ନା ଆତ୍ମହତ୍ୟା ତାହାକୁ ନେଇ କଳ୍ପନାଜଳ୍ପନା ଲାଗି ରହିଛି। ମୃତକଙ୍କ ପରିଚୟ ଜାଣିବାକୁ ପୋଲିସ ତନାଘନା ଚଳାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ କାରଣ ସ୍ପଷ୍ଟ ହେବ।



ଢେଙ୍କାନାଳ ଜିଲା ଭୁବନର ପ୍ରସିଦ୍ଧ ବୁଢେଶ୍ୱର ଶୈବପୀଠ ନିକଟରେ ଥିବା ୨୦୦ବର୍ଷ ପୁରାତନ ବର-ଅଶ୍ୱତ୍ଥ ଗଛ ମଙ୍ଗଳବାର ରାତିରେ ଭାଙ୍ଗିପଡ଼ିଛି।



ହିନ୍ଦୋଳ ବ୍ଲକ ଜରଡ଼ା ପଞ୍ଚାୟତ ବାଲିକିଆରୀ ବନ ସଂରକ୍ଷଣ ସମିତି ପକ୍ଷରୁ ୭୩ତମ ବନ ମହୋତ୍ସବ ପାଳନ ଅବସରରେ ଆୟୋଜିତ ସଚେତନତା ଶୋଭାଯାତ୍ରା।

## ସଂକ୍ଷେପରେ

### ଚାଷୀଙ୍କଠାରୁ ୪୦ ହଜାର ଠକେଇ

**ଅନୁଗୋଳ ଅଫିସ,୧୩।୭:** ଜଣେ ଚାଷୀଙ୍କୁ ଶସ୍ତାରେ ମୋଟରସାଇକେଲ ବିକ୍ରି କରିବାର ପ୍ରଲୋଭନ ଦେଖାଇ ସାଇବର ଠକ ୪୦ ହଜାର ଟଙ୍କା ଠକି ନେଇଥିବା ଅଭିଯୋଗ ହୋଇଛି। ସୂଚନା ଅନୁସାରେ, କଣିହାଁ ଥାନା ଚାଙ୍ଗୁଡିଆ ଗାଁର ୨୩ ବର୍ଷୀୟ ସୁମନ୍ତ ସାହୁଙ୍କୁ ଏକ ଅଜଣା ନମ୍ବରରୁ ଫୋନ ଆସିଥିଲା। ଫୋନ କରିଥିବା ଠକ ଜଣକ ସୂର୍ଯ୍ୟମଣି ସାହୁ ବୋଲି ପରିଚୟ ଦେବା ସହ ନୂଆ ମୋଟରସାଇକେଲ କିଣିବାକୁ ଚାହୁଁଛନ୍ତି କି ବୋଲି ପଚାରିଥିଲେ। ମୋଟରସାଇକେଲ କିଣିବାର ଆଗ୍ରହ ଥିବାରୁ ଚାଷୀ ସୁମନ୍ତ ହଁ କରିଥିଲେ। ତେଣୁ ଠକ ଜଣକ ମେମ୍ବରଶିପ୍ ଗ୍ରହଣ କଲେ ମାତ୍ର ୨୧ ହଜାର ଟଙ୍କାରେ ମୋଟରସାଇକେଲ ମିଳିବ ବୋଲି ଫୋନରେ କହିଥିଲେ। ଏଥିରେ ଭଳି ଯାଇ ସୁମନ୍ତ ମେମ୍ବରଶିପ୍ ଗ୍ରହଣ ପାଇଁ ଜୁଲାଇ ୯ ତାରିଖରେ ଫୋନ ପେ ମାଧମରେ ପ୍ରଥମେ ୧୧୫୦ ଟଙ୍କା ଡିପୋଜିଟ କରିଥିଲେ। ପରେ ପର୍ଯ୍ୟାୟକ୍ରମେ ମୋଟ ୪୦ ହଜାର ୩୦୦ ଟଙ୍କା ପଠାଇଥିଲେ। ତେବେ ୧୨ ତାରିଖରେ ଠକ ଜଣକ ପୁଣି ୧୧ ହଜାର ୩୦୦ ଟଙ୍କା ଡିପୋଜିଟ କରିବାକୁ କହିବାରୁ ସୁମନ୍ତ ସନ୍ଦେହ କରିଥିଲେ। ମୋଟରସାଇକେଲ କିଣିବାକୁ ଚାହୁଁନାହାନ୍ତି ଓ ଟଙ୍କା ଫେରସ୍ତ କରିବାକୁ ଅନୁରୋଧ କରିଥିଲେ। ହେଲେ ଟଙ୍କା ଫେରାଇ ହେବ ନାହିଁ ବୋଲି ଫୋନ କରିଥିବା ଠକ କହିବା ସହ ଟଙ୍କା ଡିପୋଜିଟ ନ କଲେ ତୁମ ନାମରେ ଥାନାରେ ଅଭିଯୋଗ କରିବି ବୋଲି ଧମକାଇଥିଲେ। ଏଥିସହ ନିଜକୁ ଆର୍ମୀ ଅଫିସର ବୋଲି କହିଥିଲେ। ଏ ନେଇ ସୁମନ୍ତ କଣିହାଁ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ କରୁଛି।

### ସ୍ତ୍ରୀଙ୍କୁ ମାଡ଼ ମାରି ସ୍ୱାମୀ ଗିରଫ

**ଅନୁଗୋଳ ଅଫିସ,୧୩।୭:** ସ୍ତ୍ରୀଙ୍କୁ ମାଡ଼ ମାରିବା ଅଭିଯୋଗରେ ବୁଧବାର କଟକ ଜିଲା ନରସିଂହପୁର ଅଞ୍ଚଳର ପ୍ରଫୁଲ୍ଲ ସାହୁଙ୍କୁ ଅନୁଗୋଳ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ସ୍ତ୍ରୀ ଇନ୍ଦିରା ସାହୁଙ୍କ ଅଭିଯୋଗ କ୍ରମେ ପୋଲିସ ନଂ. ୩୭୩/୨୨ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ସୂଚନାଯୋଗ୍ୟ, ପ୍ରଫୁଲ୍ଲ ଓ ତାଙ୍କ ସ୍ତ୍ରୀ ମଧ୍ୟରେ ଗତ ଜାନୁୟାରୀରେ ମତାନ୍ତର ହୋଇଥିଲା। ଏ ନେଇ ମହିଳା ଜଣକ ମହୀଧରପୁର ଫାଣ୍ଡି, ସଖୀ ସେଣ୍ଟର, ଶେଷରେ ଅନୁଗୋଳ କୋର୍ଟର ଦ୍ୱାରସ୍ଥ ହୋଇଥିଲେ। ଏହାପରେ କୋର୍ଟକୁ ଉଭୟ ପକ୍ଷଙ୍କୁ ଡକା ଯାଇଥିବାରୁ ପ୍ରଫୁଲ୍ଲ ଓ ତାଙ୍କ ସ୍ତ୍ରୀ ଆସିଥିଲେ। ତେବେ କୋର୍ଟରୁ ଫେରିବା ପରେ ପ୍ରଫୁଲ୍ଲ ମାଡ ମାରିଥିବା ସ୍ତ୍ରୀ ଇନ୍ଦିରା ଅନୁଗୋଳ ଥାନାର ଦ୍ୱାରସ୍ଥ ହୋଇଥିଲେ। ଘଟଣାର ତଦନ୍ତ କରି ପ୍ରଫୁଲ୍ଲଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି।

# ମେଡିକାଲ କଲେଜ ଶୀଘ୍ର କାର୍ଯ୍ୟକ୍ଷମ ଦାବି


ପ୍ରତିବାଦ ସଭାରେ ସାମିଲ ହୋଇଥିବା ପଞ୍ଚାୟତବାସୀ।

### ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ

ତାଳଚେର,୧୩।୭(ନି.ପ୍ର.)

ତାଳଚେର ମେଡିକାଲ କଲେଜ ଶ୍ରୀଘ୍ର କାର୍ଯ୍ୟକ୍ଷମ କରାଯିବା ସହ ଘଣ୍ଟପଡ଼ା ପଞ୍ଚାୟତର ଜମି ଅଧିଗ୍ରହଣ ହୋଇଥିବାରୁ ଏମ୍‌ସିଏଲ୍ କର୍ମଚାରୀଙ୍କ ପରି ସେମାନଙ୍କୁ ସୁବିଧା ସୁଯୋଗ ପ୍ରଦାନ ପାଇଁ ବୁଧବାର ପଞ୍ଚାୟତବାସୀ ଦାବି କରିଛନ୍ତି। ଏ ନେଇ ପଞ୍ଚାୟତବାସୀଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଉପଜିଲାପାଳଙ୍କୁ ପ୍ରଦାନ କରାଯାଇଛି।

ପୂର୍ବାହ୍ନରେ ଶତାଧିକ ଲୋକ ପଞ୍ଚାୟତ କାର୍ଯ୍ୟାଳୟରୁ ବାହାରି ଗ୍ରାମ ତଥା ସହର ପରିକ୍ରମା କରିବା ପରେ ତାଳଚେର ଉପଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ପହଞ୍ଚିଥିଲେ। ସେଠାରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ପରେ ଦିଆଯାଇଥିବା ଦାବିପତ୍ରରେ ଦର୍ଶାଯାଇଛି, ମେଡିକାଲ କଲେଜ ନିର୍ମାଣ ପାଇଁ ପଞ୍ଚାୟତର ୨୨ ଏକର.୦୮ ଡେସିମିଲି ଜମି ପ୍ରଦାନ କରାଯାଇଛି। ମେଡିକାଲ କଲେଜ ଭିତ୍ତିପ୍ରସ୍ତର ସ୍ଥାପନ ବେଳେ କୁହାଯାଇଥିଲା ଯେ ଆଖପାଖ ଅଞ୍ଚଳର ଯୁବତୀ ଯୁବକ ଏହାଦ୍ୱାରା ଆତ୍ମନିର୍ଭରଶୀଳ ହୋଇପାରିବେ। ହେଲେ ନିର୍ମାଣର ୫ ବର୍ଷ ବିତିବାକୁ ବସିଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ସରକାରୀ ମାନ୍ୟତାପ୍ରାପ୍ତ ହୋଇ ଏହା କାର୍ଯ୍ୟକ୍ଷମ ହୋଇପାରିନାହିଁ। ତେଣୁ ଅତିଶୀଘ୍ର ମେଡିକାଲ କଲେଜ କାର୍ଯ୍ୟକ୍ଷମ ପାଇଁ ସରକାରୀସ୍ତରରେ ବିଜ୍ଞପ୍ତି ପ୍ରକାଶ ସହ ଏମସିଏଲ କର୍ମଚାରୀଙ୍କୁ ଯେଉଁ ପ୍ରକାର ସୁବିଧା ସୁଯୋଗକୁ ଯୋଗାଇ ଦିଆଯିବ, ସମାନ ରକମର ସୁବିଧା ସୁଯୋଗ ଘଣ୍ଟପଡ଼ା ପଞ୍ଚାୟତ ବାସୀଙ୍କୁ ଦିଆଯାଉ ବୋଲି ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ନଚେତ ଆଗାମୀ ଦିନରେ ପଞ୍ଚାୟତବାସୀ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦିଆଯାଇଛି। ଘଣ୍ଟପଡ଼ା ସରପଞ୍ଚ ସସ୍ମିତା ବିଶ୍ୱାଳ, ସମିତି ସଭ୍ୟ କରୁଣାକର ସାହୁ, ନାଏବ ସରପଞ୍ଚ ରାଜୀବ ଦାସ, ସାମାଜିକ କର୍ମୀ ବିଭୂତି ସାହୁ, ଘଣ୍ଟପଡ଼ା ସଭାପତି କ୍ଷୀରୋଦ ସାହୁ, ପୂର୍ବତନ ଗ୍ରାମ ସଭାପତି କ୍ଷୀରୋଦ ପ୍ରଧାନ, ଚାଳଗଡ଼ ଗ୍ରାମ ସଭାପତି କାର୍ତ୍ତିକ ପଟ୍ଟନାୟକ, ପୂର୍ବତନ ସରପଞ୍ଚ ସୁନୀଲ ବିଶ୍ୱାଳ, ଉଗ୍ରସେନ ସାହୁ, ପ୍ରମିଳା ସାହୁ, ପୂର୍ବତନ ସମିତିସଭ୍ୟା ସରୋଜିନୀ ବେହେରା, ଭୂପେନ ଥମ୍ବ, ବରିଷ୍ଠ ଆଇନଜୀବୀ ଉଚ୍ଛବ ପଟ୍ଟନାୟକଙ୍କ ସମେତ ୧ ହଜାରରୁ ଊର୍ଦ୍ଧ୍ୱ ଜନସାଧାରଣ ଏହି ପ୍ରତିବାଦ ସଭାରେ ସାମିଲ ହୋଇଥିଲେ।

## ଦ୍ରାସରେ ସମ୍ବର୍ଦ୍ଧିତ ହେବେ ଶହୀଦ ମାନସଙ୍କ ପରିବାର

ଅନୁଗୋଳ ଅଫିସ,୧୩।୭



୧୯୯୯ କାର୍‌ଗିଲ ଯୁଦ୍ଧରେ ଶହୀଦ ହୋଇଥିବା ଲାନସ୍ ନାୟକ ଅନୁଗୋଳ ବ୍ଲକ ପୁରୁଣାଗଡ଼ର ମାନସ ରଞ୍ଜନ ସାହୁଙ୍କ ପରିବାରକୁ କାର୍‌ଗିଲ ବିଜୟ ଦିବସ ଅବସରରେ ଲଦାଖର ଦ୍ରାସ ସେକ୍ଟରରେ ସମ୍ବର୍ଦ୍ଧିତ କରାଯିବ। ଏଥିପାଇଁ ନିମନ୍ତ୍ରଣ ମିଳିଥିବା ଶହୀଦ ମାନସଙ୍କ ପରିବାର ପକ୍ଷରୁ କୁହାଯାଇଛି।

ମିଳିଥିବା ସୂଚନା ଅନୁଯାୟୀ, କାରଗିଲ ବିଜୟ ଦିବସର ୨୩ତମ ସ୍ମୃତି ଅବସରରେ ଆସନ୍ତା ୨୫ ଓ ୨୬ ତାରିଖରେ ଦ୍ରାସ୍ ସେକ୍ଟରରେ ଦେଶର ସମସ୍ତ କାର୍‌ଗିଲ ଶହୀଦଙ୍କ ପରିବାରର ଏକ ସମାବେଶ ଅନୁଷ୍ଠିତ ହେବ। ଏଥିରେ ଯୋଗ ଦେବାକୁ ସ୍ଥଳ ସେନା ଜେନେରାଲ ଅଫିସର କମାଣ୍ଡିଂ, ୮ ମାଉଣ୍ଟେନ୍ ଡିଭିଜନ ପକ୍ଷରୁ ଶହୀଦ ମାନସଙ୍କ ପରିବାରକୁ ଆମନ୍ତ୍ରଣ କରାଯାଇଛି। ଶହୀଦଙ୍କ ପରିବାରର ସଦସ୍ୟମାନେ ଦ୍ରାସସ୍ଥିତ କାର୍‌ଗିଲ ୱାର ମେମୋରିଆଲ ବୁଲି ଦେଖିବା ସହ ଶ୍ରଦ୍ଧାଞ୍ଜଳି ଓ ସମ୍ବର୍ଦ୍ଧନା ସଭାରେ ଯୋଗଦାନ କରିବେ। ସୂଚନାଯୋଗ୍ୟ, ଲାନସ ନାୟକ ଅନୁଗୋଳର ମାନସ ରଞ୍ଜନ ସାହୁ ସିଗ୍ନାଲ ମ୍ୟାନ ଭାବେ ସେନାରେ କାର୍ଯ୍ୟ କରୁଥିଲେ। କାର୍‌ଗିଲ ଯୁଦ୍ଧ ସମୟରେ ନଷ୍ଟ ହୋଇଯାଇଥିବା ଟେଲି ଯୋଗାଯୋଗ ବ୍ୟବସ୍ଥାକୁ କାର୍ଯ୍ୟକ୍ଷମ କରୁଥିବାବେଳେ ଶତ୍ରୁ ପକ୍ଷର ଗୁଳିରେ ୧୯୯୯ ଜୁନ ୭ ତାରିଖରେ ଶହୀଦ ହୋଇଥିଲେ।

## ସ୍ତ୍ରୀଙ୍କୁ ପନିକିରେ ହାଣି ସ୍ୱାମୀ ଗିରଫ

ଅନୁଗୋଳ ଅଫିସ,୧୩।୭

ଅନୁଗୋଳ ସଦର ଥାନା କଞ୍ଚୁରା ଗାଁରେ ସ୍ତ୍ରୀଙ୍କୁ ପନିକିରେ ହାଣିବା ଅଭିଯୋଗରେ ସ୍ୱାମୀଙ୍କୁ ଗିରଫ କରି ପୋଲିସ କୋର୍ଟ ଚାଲାଣ କରିଛି। ସୂଚନା ଅନୁସାରେ, କଞ୍ଚୁରା ଗାଁର ଶଙ୍କର ପ୍ରଧାନ ତିନି ବର୍ଷ ତଳେ ବିବାହ କରିଥିଲେ। ହେଲେ ଅନେକ ସମୟରେ ସେ ସ୍ତ୍ରୀଙ୍କୁ ପିଟାମରା କରୁଥିଲେ। ବୁଧବାର କୌଣସି କାରଣକୁ ନେଇ ଦମ୍ପତିଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ଉତ୍ତକ୍ତ ହୋଇ ଶଙ୍କର ଏକ ପନିକିରେ ସ୍ତ୍ରୀଙ୍କ ହାତ ଓ ମୁଣ୍ଡକୁ ଆକ୍ରମଣ କରିଥିଲେ। ଆହତ ଅବସ୍ଥାରେ ସ୍ତ୍ରୀ ଏ ନେଇ ଅନୁଗୋଳ ସଦର ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଘଟଣାର ତଦନ୍ତ କରି ସ୍ୱାମୀ ଶଙ୍କରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ଜଳିଗଲା ଚଳନ୍ତା ସ୍କୁଟି

ଅନୁଗୋଳ ଅଫିସ,୧୩।୭

ଅନୁଗୋଳ ଜିଲା ବଅଁରପାଳ ଥାନା ମହୀଧରପୁର ଫାଣ୍ଡି ଅନ୍ତର୍ଗତ ମହୀଧରପୁର–ସାତମାଇଲ ରାସ୍ତାର ମାଧିଆମୁଣ୍ଡା ଗ୍ରାମ ନିକଟରେ ବୁଧବାର ଏକ ଚଳନ୍ତା ସ୍କୁଟିରେ ନିଆଁ ଲାଗିଯାଇଥିଲା। ସୂଚନା ଅନୁଯାୟୀ, ବରଗଡ଼ ଅଞ୍ଚଳର ରମେଶ ବାଗ ଓ ତାଙ୍କ ସ୍ତ୍ରୀ ଏଠାରେ ଭଡ଼ାରେ ରୁହନ୍ତି। ରମେଶ ତାଙ୍କ ସ୍ତ୍ରୀଙ୍କ ସ୍କୁଟି ଧରି ମହୀଧରପୁର ଗ୍ରାମକୁ କିଛି ଜିନିଷ କିଣିବାକୁ ଆସୁଥିବାବେଳେ ମାଧିଅମୁଣ୍ଡା ଗ୍ରାମ ନିକଟରେ ହଠାତ ସ୍କୁଟିରେ ନିଆଁ ଲାଗିଯାଇଥିଲା। ନିଜ ଜୀବନ ବଞ୍ଚାଇ ସ୍କୁଟିରୁ ରମେଶ ଡେଇଁ ପଡ଼ିଥବା ବେଳେ ଆଖି ସାମ୍ନାରେ ସ୍କୁଟି ପୋଡ଼ି ପାଉଁଶ ହୋଇଯାଇଥିଲା। ଶର୍ଟସର୍କିଟ ଯୋଗୁଁ ନିଆଁ ଲାଗିଥିବା ସ୍କୁଟି ମାଲିକ କହିଛନ୍ତି। ରାସ୍ତାରେ ସ୍କୁଟି ଜଳିଯାଉଥିବା ଦେଖି ଅନ୍ୟ ଗାଡ଼ି ଚାଳକମାନେ ଉଭୟ ପାର୍ଶ୍ୱରେ ଅଟକି ରହିଥିଲେ। ଫଳରେ ଉକ୍ତ ରାସ୍ତାରେ କିଛି ସମୟ ପାଇଁ ଭିଡ଼ ପରିଲକ୍ଷିତ ହୋଇଥିଲା।


ରାସ୍ତା ଉପରେ ସ୍କୁଟି ଜଳିଯାଉଛି।

## ଅପହରଣ ଅଭିଯୁକ୍ତ ଗିରଫ

ଅନୁଗୋଳ ଅଫିସ,୧୩।୭

ଘର ମାଲିକଙ୍କ ନାବାଳକ ପୁଅଙ୍କୁ ଅପହରଣ କରିବା ଅଭିଯୋଗରେ ଭଡାରେ ରହୁଥିବା ଜଣେ ରାଜମିସ୍ତ୍ରିଙ୍କୁ ପୋଲିସ ଗିରଫ ହୋଇଛି। ଗିରଫ ଅଭିଯୁକ୍ତ ଜଣଙ୍କ ହେଲେ ଯାଜପୁର ଜିଲା ବରୀ ଅଞ୍ଚଳର ରମେଶ ଦଳେଇ। ସୂଚନା ଅନୁସାରେ, ଅନୁଗୋଳରେ ରାଜମିସ୍ତ୍ରି କାମ କରୁଥିବା ରମେଶ ଅନୁଗୋଳ ସହର ଉପକଣ୍ଠ ପରତରାରେ ବିଜୁଳି ନାୟକଙ୍କ ଘରେ ଭଡ଼ାରେ ରହୁଥିଲେ। କିଛି ଦିନ ତଳେ ସେ ବିଜୁଳି ନାୟକଙ୍କ ପାଖରୁ ୨୧ ହଜାର ଟଙ୍କା ଧାର ଆକାରରେ ନେଇଥିଲେ। ଏହି ଟଙ୍କା ଫେରାଇବାକୁ ବିଜୁଳି କହିବାରୁ ଉଭୟଙ୍କ ଭିତରେ ଝଗଡ଼ା ହୋଇଥିଲା। ଏହାପରେ ରମେଶ ବିଜୁଳିଙ୍କ ୯ ବର୍ଷର ପୁଅଙ୍କୁ ନେଇ ଫେରାର ହୋଇଯାଇଥିଲେ। ଏ ନେଇ ବିଜୁଳି ଅନୁଗୋଳ ସଦର ଥାନାରେ ଅଭିଯୋଗ କରିବା ପରେ ପୋଲିସ ନଂ. ୫୧୮/୨୨ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିଲା। ରମେଶ ନାବାଳକଙ୍କୁ ନେଇ କଟକ ଧବଳେଶ୍ୱର ପାଖରେ ରଖିଥିବା ଖବରପାଇ ପୋଲିସ ଚଢାଉ କରି ରମେଶଙ୍କୁ ଗିରଫ କରିବା ସହ ନାବାଳକଙ୍କୁ ଉଦ୍ଧାର କରିଛି।

## ଶିକ୍ଷକଙ୍କ ବଦଳି ବାତିଲ ଦାବିରେ ଆନ୍ଦୋଳନ


ବିଦ୍ୟାଳୟ ସମ୍ମୁଖରେ ଛାତ୍ରୀଛାତ୍ର ଓ ଅଭିଭାବକମାନେ ଧାରଣା ଦେଇଛନ୍ତି।

ଛେଣ୍ଡିପଦା,୧୩।୭(ସ୍ୱ.ପ୍ର.)

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ କଲୋନୀ ବିଦ୍ୟାଳୟର ଶିକ୍ଷକଙ୍କ ବଦଳି ବାତିଲ ଦାବିରେ ଛାତ୍ରୀଛାତ୍ର ଓ ଅଭିଭାବକମାନେ ବୁଧବାର ବିଦ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି। ପ୍ରକାଶ ଯେ, ବ୍ଲକ କଲୋନୀ ବିଦ୍ୟାଳୟରେ ୨୩୭ ଜଣ ଛାତ୍ରୀଛାତ୍ର ପାଠ ପଢୁଥିବା ବେଳେ ୮ଜଣ ଶିକ୍ଷକ ନିଯୁକ୍ତି ପାଇଛନ୍ତି। ତେବେ ବିଦ୍ୟାଳୟର ଶିକ୍ଷକ ଆଶିଷ ପ୍ରଧାନଙ୍କୁ ଅନ୍ୟତ୍ର ବଦଳି କରାଯାଇଥିବା ନେଇ ଛାତ୍ରୀଛାତ୍ର ଓ ଅଭିଭାବକମାନେ ଅସନ୍ତୋଷ ପ୍ରକାଶ କରିବା ସହିତ ଶିକ୍ଷକଙ୍କ ବଦଳି ବାତିଲ ଦାବି କରିଥିଲେ। ଏ ନେଇ ଅଭିଭାବକମାନେ ବ୍ଲକ ଶିକ୍ଷା ଅଧିକାରୀଙ୍କ ଠାରୁ ଆରମ୍ଭ କରି ତହସିଲଦାର ଓ ଅନୁଗୋଳ ଜିଲାପାଳଙ୍କ ନିକଟରେ ଦାବି କରିଥିଲେ। ଅଭିଯୋଗ କରିବାର ୧୫ ଦିନ ବିତିଯାଇଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇ ନ ଥିବାରୁ ବୁଧବାର ପୂର୍ବାହ୍ନ ସାଢେ ୧୧ଟା ବେଳେ ଛାତ୍ରୀଛାତ୍ର ଓ ଅଭିଭାବକମାନେ ବିଦ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ସମ୍ପୃକ୍ତ ଶିକ୍ଷକ ଜଣେ ଆଦର୍ଶ ଶିକ୍ଷକ ଏବଂ ତାଙ୍କର ପାଠପଢା ଭଲ ହୋଇଥିବାରୁ ବଦଳିକୁ ପ୍ରତ୍ୟାହାର କରିବା ପାଇଁ ଧାରଣାରେ ବସିଥିବା ଛାତ୍ରୀଛାତ୍ର ଓ ଅଭିଭାବକମାନେ ନାରାବାଜି କରିଥିଲେ। ତେବେ ସମାଧାନର କୌଣସି ସୂତ୍ର ବାହାରି ନ ଥିବା ଜଣାପଡିଛି। ଏ ସମ୍ପର୍କରେ ଛେଣ୍ଡିପଦା ଗୋଷ୍ଠୀ ଶିକ୍ଷା ଅଧିକାରୀ ମଧୁସ୍ମିତା ନନ୍ଦ କହିଛନ୍ତି, ସମ୍ପୃକ୍ତ ଶିକ୍ଷକଙ୍କୁ ବଦଳି କରାଯାଇ ନାହିଁ। ତାଙ୍କୁ ପ୍ରଧାନ ଶିକ୍ଷକଙ୍କ ଅଭିଯୋଗ ଆଧାରରେ ନିଲମ୍ବିତ କରାଯିବା ସହିତ କର୍ଣ୍ଣପାଳ ପ୍ରାଥମିକ ବିଦ୍ୟାଳୟରେ ଯୋଗଦେବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। କିନ୍ତୁ ଆଜିପର୍ଯ୍ୟନ୍ତ ଶିକ୍ଷକ କାର୍ଯ୍ୟରେ ଯୋଗ ଦେଇନାହାନ୍ତି। ଏପରିକି ସେ କେଉଁଠାରେ ଅଛନ୍ତି ତାହା ବିଭାଗ ପାଖରେ ଖବର ନାହିଁ। ଖୁବ୍‌ଶୀଘ୍ର ତାଙ୍କ ବଦଳରେ ଜଣେ ଶିକ୍ଷକଙ୍କୁ ନିଯୁକ୍ତ କରାଯିବ।

## ବର୍ଷକୁ ଚାରାଟିଏ ଲଗାଇବାକୁ ପରାମର୍ଶ

ପାଲଲହଡା,୧୩।୭(ଡି.ଏନ.ଏ.)

ବିଜୁ ଜନତା ଦଳର ୨୫ ବର୍ଷ ପୂର୍ତ୍ତି ଅବସରରେ ପାଲଲହଡ଼ା ବିଜୁ ଛାତ୍ର ଜନତା ଦଳ ଆନୁକୂଲ୍ୟରେ ମଙ୍ଗଳବାର ସୁବର୍ଣ୍ଣପାଲିସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପରିସରରେ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପାଲଲହଡ଼ା ବିଧାୟକ ମୁକେଶ ପାଳ ମୁଖ୍ୟଅତିଥି ଭାବେ ଯୋଗଦେଇ ଚାରା ରୋପଣ କରିବା ସହ ପ୍ରତ୍ୟେକ ବ୍ୟକ୍ତି ବର୍ଷକୁ ଗୋଟିଏ ଗଛ ଲଗାଇବା ପାଇଁ ଛାତ୍ରୀଛାତ୍ରମାନଙ୍କୁ ପରାମର୍ଶ ଦେଇଥିଲେ। ବିଦ୍ୟାଳୟ ଅଧ୍ୟକ୍ଷ ସୁମନ ଏକ୍କାଙ୍କ ନେତୃତ୍ୱରେ ବିଧାୟକ ବିଦ୍ୟାଳୟର ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସହିତ ବିଦ୍ୟାଳୟର ସମସ୍ୟା ବିଷୟରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ପାଲଲହଡ଼ା ପଞ୍ଚାୟତ ସମିତି ଅଧ୍ୟକ୍ଷା ରିନାରାଣୀ ନାଏକ, ଜିଲା ପରିଷଦ ସଦସ୍ୟ ସାବିତ୍ରୀ ମାଝି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଚାରା ରୋପଣ କରିଥିଲେ। ବିଜେଡି ବ୍ଲକ ସଭାପତି ଗଙ୍ଗାଧର ଜିତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।


ଛାତ୍ରୀଛାତ୍ରଙ୍କ ସହ ବିଧାୟକ ଚାରା ରୋପଣ ପାଇଁ ଯାଉଛନ୍ତି।

# କର୍ତ୍ତବ୍ୟ ପଥରେ ଅଗ୍ରସର ହେବାକୁ ପରାମର୍ଶ

ତାଳଚେର/ କଣିହାଁ,୧୩।୭(ନି.ପ୍ର.)

ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷାରେ ୯୦ ପ୍ରତିଶତରୁ ଅଧିକ ନମ୍ବର ରଖିଥିବା ତଥା ଏ–୧ ଗ୍ରେଡରେ କୃତକାର୍ଯ୍ୟ ହୋଇଥିବା ତାଳଚେର ଓ କଣିହାଁ ବ୍ଲକର ଛାତ୍ରୀଛାତ୍ରମାନଙ୍କୁ ବୁଧବାର ସମ୍ବର୍ଦ୍ଧନା ଦିଆଯାଇଛି। ଆମ ପ୍ରତିଭା ଆମ ପରିଚୟ ସଙ୍ଗଠନ ପକ୍ଷରୁ ଏହି ମେଧାବୀ ଛାତ୍ରୀଛାତ୍ରମାନଙ୍କୁ ଢେଙ୍କାନାଳ ଏମ୍‌ପି ମହେଶ ସାହୁ ସମ୍ବର୍ଦ୍ଧିତ କରିଥିଲେ। ପୂର୍ବାହ୍ନ ୧୧ଟାରେ ତାଳଚେର ପଞ୍ଚାୟତ ସଭାଘରେ ୩୪ ମେଧାବୀ ଛାତ୍ରୀଛାତ୍ରମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ଢେଙ୍କାନାଳ ଏମ୍‌ପି ସାହୁ ଯୋଗଦେଇ ମେଧାବୀ ଛାତ୍ରୀଛାତ୍ରମାନଙ୍କୁ ଆଗକୁ ଯିବାକୁ ହେଲେ କିପରି ନିଜକୁ ପ୍ରସ୍ତୁତ କରିବାକୁ ହେବ ସେଥିପାଇଁ ପରାମର୍ଶ ଦେଇଥିଲେ। ପାଇଥିବା ସଫଳତାରେ ଅଧିକ ଉତ୍ସାହିତ ନ ହୋଇ କର୍ତ୍ତବ୍ୟ ପଥରେ ଅଗ୍ରସର ହେବାକୁ ଏମ୍‌ପି ପରାମର୍ଶ ଦେଇଥିଲେ। ଏହି ସଭାରେ ଅନ୍ୟତମ ଅତିଥି ଭାବେ ତାଳଚେର ଉପଜିଲାପାଳ ବିଶ୍ୱମୋହନ ରଥ, ତାଳଚେର ତହସିଲଦାର, ବିଡିଓ ଶିବଶଙ୍କର ମିଶ୍ର, ଲିଙ୍ଗରାଜ ଲୋଇଲା ଖଣି ମ୍ୟାନେଜର ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ। ସଙ୍ଗଠନ ସଭାପତି ରମେଶ ଚନ୍ଦ୍ର ବେହେରା ସଭାପତିତ୍ୱ କରିଥିବାବେଳେ ସାଧାରଣ ସମ୍ପାଦକ ଡ. ନିମାଇଁ ଚରଣ ପ୍ରଧାନ ସ୍ୱାଗତ ଭାଷଣ ଦେଇଥିଲେ। ସେହିପରି କଣିହାଁ ବ୍ଲକ କାର୍ଯ୍ୟାଳୟସ୍ଥିତ ପବିତ୍ରମୋହନ ସଭାଗୃହରେ ବ୍ଲକସ୍ତରୀୟ ମେଧାବୀ ଛାତ୍ରୀଛାତ୍ର ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଥିଲା। ଅତିଥି ଭାବେ ଏମ୍‌ପି ମହେଶ ସାହୁ, ବ୍ଲକ ଅଧ୍ୟକ୍ଷ ରାମକୃଷ୍ଣ ପ୍ରଧାନ, ଉପାଧ୍ୟକ୍ଷା ଜୟନ୍ତୀ ପ୍ରଧାନ, ୯ନଂ. ଜୋନ୍ ଜିଲା ପରିଷଦ ସଦସ୍ୟ ରଞ୍ଜନ ସାହୁ, ବିଡିଓ ନିଶାନ ମିଶ୍ର, ସହକାରୀ ନିର୍ବାହୀ ଯନ୍ତ୍ରୀ ଶୁଭସ୍ମିତା ନାଥ ପ୍ରମୁଖ ଯୋଗ ଦେଇଥିଲେ। ଦୃଢ଼ ଇଚ୍ଛାଶକ୍ତି ଓ ପରିଶ୍ରମ ସଫଳତାର ସମସ୍ତ ମାର୍ଗକୁ ଖୋଲି ଦେଇଥାଏ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ବ୍ଲକର ଏ–୧ ଗ୍ରେଡ୍‌ରେ ଉତ୍ତୀର୍ଣ୍ଣ ହୋଇଥିବା ୨୯ ମେଧାବୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ଏଥିସହିତ ଶିକ୍ଷୟିତ୍ରୀଶିକ୍ଷକ ଓ ଅଭିଭାବକଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା। ଏମ୍‌ପିଙ୍କ ବ୍ଲକ ପ୍ରତିନିଧି ନିର୍ମଳ ସାହୁ, ସୁନୀଲ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଏବିଇଓ ମଙ୍ଗୁଲୁ ଚରଣ ପ୍ରଧାନଙ୍କ ସମେତ ଶିକ୍ଷା ବିଭାଗର ପଦସ୍ଥ କର୍ମଚାରୀ ପରିଚାଳନାରେ ସହଯୋଗ କରିଥିଲେ।


କଣିହାଁଠାରେ ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ଛାତ୍ରୀଛାତ୍ର।


ତାଳଚେରସ୍ଥିତ ସମ୍ବର୍ଦ୍ଧନା ଉତ୍ସବରେ ଏମ୍‌ପି ଓ ଅନ୍ୟ ଅତିଥିଙ୍କ ସହ ମେଧାବୀ ଛାତ୍ରୀମାନେ।

### ତାଳଚେର ଓ କଣିହାଁରେ ମାଟ୍ରିକ ମେଧାବୀଙ୍କୁ ସମ୍ବର୍ଦ୍ଧନା

